R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୭୪
ତିଥି : ତୃତୀୟା
୦୧ ଏପ୍ରିଲ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 174
01 April 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

DADLS-04

ସତ୍ୟମେବ ଜୟତେ

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି ।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ । ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି । ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ । ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି ।

(ଦ୍ରୌପଦୀ ମୁର୍ମୁ)

ସତ୍ୟମେବ ଜୟତେ

## ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା ।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି । ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି ।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି ।

ଜୟ ହିନ୍ଦ୍ । ଜୟ ଓଡ଼ିଶା ।

Jagdeep Dhankhar

(ଜଗଦୀପ ଧନଖଡ଼୍)

OIPR: 15001/13/0478/2425

DADLS-01

ସତ୍ୟମେବ ଜୟତେ



## ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

ଓଡ଼ିଶା ସରକାର

## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0468/2425



ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାକୁ ମିଳିଥିଲା ମାନ୍ୟତା । ସେଦିନ ଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖ । ସମୟକ୍ରମେ ଖଣ୍ଡବିଖଣ୍ଡିତ ଅବସ୍ଥାରେ ପହଞ୍ଚିଥିବା ସୁବିସ୍ତୃତ ଓଡ଼ିଶା ପ୍ରାୟ ପାଞ୍ଚ ଶହ ବର୍ଷ ସୀମାହୀନ, ଜାତିହୀନ ଓ ଭାଷାହୀନ ଅବସ୍ଥାରେ ରହିବା ପରେ ଏହି ଦିନରେ ଏକତ୍ର ହୋଇଥିଲା । ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଶା ରାଜନୈତିକ ବିପର୍ଯ୍ୟୟ ଦେଇ ଗତି କରିଆସୁଥିଲା । ଏହା ସତ୍ତ୍ୱେ ଓଡ଼ିଶାର କବି ଓ ଲେଖକଙ୍କର ସାହିତ୍ୟ ସାଧନା ଅବ୍ୟାହତ ରହିଥିବାରୁ ଓଡ଼ିଆ ଭାଷା-ସଂସ୍କୃତି ଏକ ବିଶାଳ ଭୂଖଣ୍ଡରେ ତିଷ୍ଠି ରହିଥିଲା । ହେଲେ ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଶିକ୍ଷା ଓ ଛାପାଖାନାର ପ୍ରସାର ଫଳରେ ଓଡ଼ିଆ ଭାଷା ଓ ସଂସ୍କୃତି ବିପନ୍ନ ହୋଇପଡ଼ିଲା । ଦୁର୍ଦ୍ଦଶାଗ୍ରସ୍ତ ଓଡ଼ିଆ ଜାତି କ୍ରମେ ବହୁ ବାଧାବିଘ୍ନ, ଘଟଣା ଦୁର୍ଘଟଣା ଦେଇ ଗତି କରିଥିଲା । ଏହି ପରିସ୍ଥିତିରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶାକୁ ମିଳିଥିବା ମାନ୍ୟତାକୁ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ 'ଉତ୍କଳ ଦିବସ' ଭାବେ ପାଳନ କରାଯାଇଆସୁଛି । ଏହି ଲକ୍ଷ୍ୟ ହାସଲ ପାଇଁ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱ ତଥା ବହୁ ରାଜା ଓ ଜମିଦାରଙ୍କ ସହଯୋଗରେ ଭାଷା ଆନ୍ଦୋଳନ ତୀବ୍ରତର ହୋଇଥିଲା । ଶେଷରେ ଜନ୍ମ ନେଇଥିଲା ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା । ଏହା ଆଧୁନିକ ଓଡ଼ିଶା ଇତିହାସର ଅନ୍ୟତମ ଉଲ୍ଲେଖନୀୟ ଘଟଣା । ଓଡ଼ିଶା ଗଠନରେ ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ନୀଳକଣ୍ଠ ଦାସ, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟ ପ୍ରମୁଖଙ୍କ ଅବଦାନ ଅବିସ୍ମରଣୀୟ । ଓଡ଼ିଶାର ଭବିଷ୍ୟତକୁ ସ୍ୱର୍ଣ୍ଣିମ କରିବା ପାଇଁ ଏହି ମହାନ୍ ବିପ୍ଳବୀମାନେ ଖୁବ୍ କଷ୍ଟ କରିଥିଲେ । ଶେଷରେ ସ୍ୱତନ୍ତ୍ର ଓଡ଼ିଶାର ଜନ୍ମ ହୋଇଥିଲା । ଏହି ଦିନ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ଅନୁମୋଦନ ଦେଇଥିଲା ବ୍ରିଟିଶ ସରକାର । ୧୯୩୬ ମସିହା ଅପ୍ରେଲ ୧ରେ ନୂତନ ପ୍ରଦେଶ ଭାବରେ ପ୍ରତିଷ୍ଠା ହେବା ସମୟରେ ରାଜ୍ୟର ନାମ ରହିଥିଲା ଉତ୍କଳ । ତେଣୁ ଏହି ଦିନକୁ ଉତ୍କଳ ଦିବସ ଭାବରେ ପାଳନ କରାଯାଏ । ସ୍ୱତନ୍ତ୍ର ଓଡ଼ିଶାର ଜନ୍ମ ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲେଖନୀରୁ ଝରିଆସିଥିଲା ଏଇ ସୁପ୍ରସିଦ୍ଧ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ।

ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ମୁଖ୍ୟ ବିପ୍ଳବ ଉତ୍କଳ ସମ୍ମିଳନୀ ଗଠନ ଦିନଠାରୁ ତିନି ଦଶନ୍ଧି ଧରି ଲାଗି ରହିଥିଲା । ବୀରପୁତ୍ରମାନଙ୍କର ତ୍ୟାଗ ଓ ପ୍ରଚେଷ୍ଟାରେ ପ୍ରଥମେ ୬ଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା । ୧୯୫୦ ମସିହା ଜାନୁଆରୀ ମାସରେ ଓଡ଼ିଶାରେ ଆଉ ୭ଟି ଜିଲ୍ଲା ଯୋଡି ହୋଇ ମୋଟ ୧୩ଟି ଜିଲ୍ଲା ହୋଇଥିଲା । ଏହାପରେ ୧୯୯୨ରେ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୂର୍ନବିଭାଜନ କରି ୩୦ ଜିଲ୍ଲାରେ ବିଭକ୍ତ କରାଯାଇଥିଲା । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ବାଣିଜ୍ୟ ଓ ପର୍ଯ୍ୟଟନ ବେଶ ସ୍ୱତନ୍ତ୍ର । ଆମର ମନ୍ଦିରରେ କଳା, ଭାସ୍କର୍ଯ୍ୟ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । କୋଣାର୍କରୁ ନେଇ ଲିଙ୍ଗରାଜ ମନ୍ଦିର ଏ ସମସ୍ତ ହେଲା ଓଡ଼ିଆର କାରୁକାର୍ଯ୍ୟର ଜ୍ୱଳନ୍ତ ଉଦାହରଣ । ଯାହାକୁ ନେଇ ପ୍ରତିଟି ସ୍ୱାଭିମାନୀ ଓଡ଼ିଆ ଗର୍ବ ଅନୁଭବ କରେ । ଏହି ପବିତ୍ର ଦିନରେ ଓଡ଼ିଶାର ବରପୁତ୍ରମାନଙ୍କୁ ମନେ ପକାଉଛନ୍ତି ରାଜ୍ୟବାସୀ । ଏପରିକି ସାରା ବିଶ୍ୱରେ ଥିବା ଓଡ଼ିଆମାନେ ଆଜି ଏହି ଦିବସଟିକୁ ପାଳନ କରିବା ସହ ଓଡ଼ିଶାର ଜୟଗାନ କରୁଛନ୍ତି ।

**ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର- ୯୯୩୭୭୭୩୭୭୭**

# ଗର୍ବରେ କୁହେ ମୁଁ ଓଡ଼ିଆ






# ଓଡିଆ ଭାଷାର ମହତ୍ତ୍ୱ

ଉତ୍କଳ ହେଉଛି ଉତ୍କର୍ଷର ରାଜ୍ୟ, ଯାହାର କାରୁକାର୍ଯ୍ୟ, ପର୍ବପର୍ବାଣୀ, ଖାଦ୍ୟପେୟ, ସଂସ୍କୃତି, ବୀର ପୁତ୍ର ଓ ସେମାନଙ୍କର ବୀରତ୍ୱର ଗାଥା ସାରା ବିଶ୍ୱରେ ପ୍ରସିଦ୍ଧ । ତେବେ, ୧୯୩୬ ମସିହା ପୂର୍ବରୁ, ଉତ୍କଳ ବୋଲି ଏକ ନର୍ଦ୍ଦିଷ୍ଟ ଭୂଖଣ୍ଡ ନ'ଥିଲା । ପଶ୍ଚିମରେ ସମ୍ବଲପୁର ମଧ୍ୟପ୍ରଦେଶ ସହିତ ମିଶିଥିବାବେଳେ, ଉତ୍ତରରେ ବାଲେଶ୍ୱର ବଙ୍ଗଳା ଦ୍ୱାରା ପ୍ରଭାବିତ ଥିଲା ଓ ଏହାର କେତେକ ଅଞ୍ଚଳ ବିହାରରେ ମିଶିଥିଲା ଏବଂ ଦକ୍ଷିଣରେ ଗଞ୍ଜାମ ମାଡ୍ରାସ ରେସିଡେନ୍ସି ଅଧିନରେ ରହିଥିଲା । ଉତ୍କଳବୋଲି ଆତ୍ମପରିଚୟ ଟିକକ ପାଇବା ନିମନ୍ତେ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାଶ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକିର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କ ପରି ବୀର ଓ ମହାନ ପୁତ୍ର ମାନେ ଅନେକ ଲଢିଥିଲେ । ଛିନ୍ନ ବିଚ୍ଛିନ୍ନ ଉତ୍କଳର ଏକତ୍ରିକରଣର ଲକ୍ଷ୍ୟ ନେଇ ଏବଂ ଓଡ଼ିଶାକୁ ଏକ ସ୍ୱାଧୀନ ରାଜ୍ୟ ତଥା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରିବା ପାଇଁ ସଙ୍ଘର୍ଷ ଆରମ୍ଭ କରିଥିଲେ ।

ଏହି ପରିପ୍ରେକ୍ଷୀରେ, ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ନାମରେ ଏକ ସାଂସ୍କୃତିକ ଏବଂ ସାମାଜିକ ସଂଗଠନ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନର ଗଠନ ସହିତ ଓଡ଼ିଆ ମାନଙ୍କର ସ୍ୱାଧୀନତା ସଂଗ୍ରାମ ମଧ ତୀବ୍ର ହୋଇଥିଲା । ଯେଉଁ ଅବସରରେ କୋଟି କୋଟି ଓଡିଆଙ୍କୁ ଉକ୍ତ ସଂଗ୍ରାମ ନିମନ୍ତେ ପ୍ରେରିତ କରିବା ଉଦ୍ଦେଶ୍ୟରେ, ମଧୁସୂଦନ ଦାସ ନିଜ ମନର ଭାବାବେଗକୁ ଶବ୍ଦରେ ରୂପାନ୍ତରିତ କରି କହିଥିଲେ ଯେ, ଏହି ସମ୍ମିଳନୀ ଜାତି ପ୍ରାଣବିନ୍ଦୁ, କୋଟି ପ୍ରାଣବିନ୍ଦୁ ଧରେ, ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ, ଡେଇଁ ପଡି ସିନ୍ଧୁନୀରେ । ଯେଉଁଥିରେ ପ୍ରେରିତ ହୋଇ, ଅନେକ ଓଡିଆ ବୀରପୁତ୍ର ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ଗଠନ ନିମନ୍ତେ ଉକ୍ତ ଆନ୍ଦୋଳନ ଓ ବିପ୍ଳବକୁ ତୀବ୍ର କରିଥିଲେ । ଫଳସ୍ୱରୂପ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରାପ୍ତ ହୋଇଥିଲା । ଏହି ଦିନ, ଗୋଟିଏ ରାଜ୍ୟ ଭାବେ ନବଗଠିତ ହେବା ସ୍ମୃତିରେ 'ଉତ୍କଳ ଦିବସ' ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣ କରିବା ସହିତ କୋଟି କୋଟି ଓଡିଆ ମାନଙ୍କ ଦ୍ୱାରା ଓଡିଶାର ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠାର ସେ ଅମୂଲ୍ୟ ସମୟର ସ୍ମୃତିଚାରଣ କରାଯାଏ ।

ତେବେ, ପ୍ରଥମେ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ଗଠନ କରାଯାଇଥିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ, ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁର୍ନବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା । ଏହାଛଡା, ଏହି ଦିନ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟର ମାନ୍ୟତା ମଧ ପାଇଥିଲା ଏବଂ ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ ଥିଲା । ହେଲେ ବର୍ତ୍ତମାନର ବିଭିନ୍ନ ସମସ୍ୟା ମଧ୍ୟରୁ ମାତୃଭୂମି ପ୍ରେମ ଓ ଭାଷାଗତ ସମସ୍ୟା ଏକ ବଡ ସମସ୍ୟା ଭାବରେ ଉଭା ହୋଇଛି । ଓଡିଆ ଭାଷା ଆଜି ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲେ ମଧ, ଓଡିଆ ମାନଙ୍କର ନିଜର ମାତୃଭାଷା ପ୍ରତି ଉଦାସୀନତା ସୃଷ୍ଟି ହୋଇଥିବାର ଅନୁଭବ କରାଯାଏ । ଯେଉଁଥି ପାଇଁ ଆତ୍ମ ସଚେତନତା ତଥା ଆତ୍ମଜାଗରଣ ହିଁ ବଡ ଔଷଧ ଓ ସମାଧାନ ଅଟେ ।

**ରାକେଶ ପଣ୍ଡା**
**ମୋ: ୯୩୩୭୮୯୭୬୫୦**



**ଜାତୀୟ ହେଉ ଅବା ଅନ୍ତର୍ଜାତୀୟ ସବୁଠାରେ ଓଡ଼ିଶାର ରହିଛି ସ୍ୱତନ୍ତ୍ର ପରିଚୟ । ନିଜର ସ୍ୱର୍ଣ୍ଣିମ ଇତିହାସ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସୁସ୍ୱାଦୁ ବ୍ୟଞ୍ଜନ, କଳା ଓ ପରମ୍ପରା ଭଳି ଅନେକ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଓଡ଼ିଶା ସକ୍ଷମ ହୋଇ ପାରିଛି । ଆସନ୍ତୁ ଜାଣିବା ସେଥିରୁ କିଛି ବିଷୟରେ ଯାହା ଆମ ଓଡିଆଙ୍କୁ ସବୁବେଳେ ଗୌରବାନୀତ କରିଛି ।**

# ରହିଛି ସ୍ୱତନ୍ତ୍ର ପରିଚୟ



**ସମୃଦ୍ଧ ସାଂସ୍କୃତିକ ଐତିହ୍ୟ–** ଓଡିଶୀରୁ ଆରମ୍ଭ ହୋଇଥାଏ ଆମର ସଂସ୍କୃତିର ଅନନ୍ୟ ଉଦାହରଣ । ଭାରତର ୮ଟି ଶାସ୍ତ୍ରୀୟ ନୃତ୍ୟ ଭିତରେ ଏହାର ନାମ ଆସିଥାଏ। ସାରା ବିଶ୍ୱରେ ଏହାର ଆଦର ରହିଛି । ଅନେକ ଓଡିଶୀ ଗୁରୁଙ୍କର ସୁନାମ ଦେଶ ବିଦେଶରେ ରହିଛି । ଅନେକ ଏଭଳି ବିଦେଶୀ କଳାକାର ମଧ ରହିଛନ୍ତି ଯେଉଁମାନେ ଏହି ନୃତ୍ୟକଳାକୁ ସମ୍ମାନର ସହିତ ଆପଣାଇଛନ୍ତି । ଏହି ନୃତ୍ୟ ଆମ ପରମ୍ପରା ଓ ଐତିହ୍ୟକୁ ସମସ୍ତଙ୍କ ଆଗରେ ପ୍ରକାଶ କରିବାର ଏକ ସୁମାର୍ଗ । ଓଡିଶୀ ଭଳି ଆଉ ଏକ ଉଦାହରଣ ହେଲା ପଟ୍ଟଚିତ୍ର ଯାହା ଓଡ଼ିଶାର କଳା ନୈପୁଣତାର ଉଦାହରଣ ସାରା ବିଶ୍ୱରେ ପ୍ରକାଶ କରିଥାଏ । ଏହି ଚିତ୍ର ଓଡ଼ିଶାର ପୁରୁଣା ଇତିହାସ, କଳା ସ୍ଥପତ୍ୟ ଓ ପୌରାଣିକ କଥାବସ୍ତୁକୁ ପ୍ରତିପାଦିତ କରିଥାଏ । ଓଡ଼ିଶାର ଆଉ ଏକ ପରିଚୟ ହେଲା ଏହାର ହସ୍ତତନ୍ତ। ଓଡ଼ିଶାର ସମ୍ବଲପୁରୀ ଶାଢ଼ି ବିଶ୍ୱ ପ୍ରସିଦ୍ଧ । ଏହାର ଡିଜାଇନ୍ ଓ ସୂତା ଗ୍ରାହକଙ୍କ ମାନଙ୍କ ଭିତରେ ବେଶ ଆଦର ସାଉଁଟିଥାଏ । କେବଳ ସମ୍ବଲପୁରୀ ଶାଢ଼ି ନୁହେଁ ସମ୍ବଲ ପୁରୀ ନୃତ୍ୟ, ସଙ୍ଗୀତର ମଧ ବେଶ୍ ଆଦର ରହିଛି ।

**ଧାର୍ମିକ ଏବଂ ଆଧାତ୍ମିକ ଗୁରୁତ୍ୱ–** ଓଡ଼ିଶାର ଧାର୍ମିକ ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଏଠିକାର ରାଜଧାନୀକୁ ମନ୍ଦିର ମାଳିନୀର ଆଖ୍ୟା ମଧ ଦିଆଯାଇଛି । ପୁରୀରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଓଡ଼ିଶାକୁ ବିଶ୍ୱ ବିଖ୍ୟାତ କରାଥାଏ । ମହାପ୍ରଭୁଙ୍କର ରଥ ଯାତ୍ରା ଓଡିଶାକୁ ବେଶ୍ ସ୍ୱତନ୍ତ୍ର କରିଥାଏ । ରଥଯାତ୍ରା ଦେଖିବାକୁ ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ଘଟିଥାଏ, ଯେଉଁଥିରେ ଦେଶ ବିଦେଶର ଶ୍ରଦ୍ଧାଳୁ ମଧ ସାମିଲ ରହିଥାଆନ୍ତି । କେବଳ ପୁରୀ ମନ୍ଦିର ନୁହେଁ, ଏଠାରେ ଥିବା କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି ଏହାକୁ ବେଶ୍ ସ୍ୱତନ୍ତ୍ର କରିଥାଏ । ସେହିଭଳି ବିଭିନ୍ନ ଗାଁ ଗଣ୍ଡାରେ ପାଳନ ହେଉଥିବା ୧୨ ମାସରେ ୧୩ ପର୍ବ ମଧ ଆମ ଧାର୍ମିକ ଓ ଆଧାତ୍ମିକ ଭାବକୁ ସୂଚାଇଥାଏ । ଏହି ରାଜ୍ୟରେ ସବୁ ଧର୍ମର ଲୋକ ଖୁବ ମିଳିମିଶି ନିଜର ନିଜର ପର୍ବ ପାଳନ କରିବା ସହିକ ଅନନ୍ୟ ଭାଇଚାରାର ଉଦାହରଣ ଦେଇଥାଆନ୍ତି । ଏଠାରେ କ୍ରିସମାସ, ଇଦ୍ ମହରମ୍ ସହିତ ରାମ ନବମୀ ଓ ହନୁମାନ ଜୟନ୍ତୀକୁ ଖୁବ ଶ୍ରଦ୍ଧାର ସହିତ ସମସ୍ତେ ପାଳନ କରିଥାଆନ୍ତି ।



**ଖାଦ୍ୟ ପସରା–** ଓଡ଼ିଶାର ଖାଦ୍ୟ ଖୁବ ନିଆରା ଓ ସ୍ୱତନ୍ତ୍ର । ଏଠାରେ ମିଳୁଥିବା ପଖାଳ, ଛେନାପୋଡ, ଡାଲମା, ରସଗୋଲା ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ଓଡ଼ିଶା ଆସିଲେ ସମସ୍ତେ ଏହି ଖାଦ୍ୟ ଚାଖିବାକୁ କେବେ ବି ଭୁଲନ୍ତି ନାହିଁ । ଏଠାରେ ପ୍ରତି ଜିଲ୍ଲା ଅନୁସାରେ ମଧ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ଖାଦ୍ୟ ରହିଛି । ଯେପରି କଟକର ଦହିବରା, ଡେଙ୍କାନାଳ ବରା, ବାରିପଦା ମୁଢିମାଂସ, ନୟାଗଡ ଛେନାପୋଡ, ପୁରୀ ଖଜା, ନିମାପଡା ଛେନାଝିଲ, ଭୁବନେଶ୍ୱରର ଖଇକୋରା ଭଳି ଭଳିକି ସ୍ୱତନ୍ତ୍ର ଖାଦ୍ୟ ରହିଛି ଯାହା ଓଡ଼ିଶାର ସ୍ୱତନ୍ତ୍ର ତଥା ସୁସ୍ୱାଦୁ ପାକପ୍ରଣାଳୀକୁ ସୂଚାଇଥାଏ ।



DADLS-06



ସ୍ୱର୍ଣ୍ଣିମ ସକାଳର ସୂର୍ଯ୍ୟୋଦୟ

# ସମୃଦ୍ଧି ପଥେ ଆମ ଓଡ଼ିଶା



## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- **'ସୁଭଦ୍ରା'**ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାଣ୍ଟ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- **'ଆମେ ପଢିବା ଆମ ଭାଷାରେ'** ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- **'ଆମ ଶିମିଳିପାଳ ଯୋଜନା'** ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

VISION DOCUMENT
2036 | 2047














OIPR: 15001/13/0490/2425

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**




ଭୁବନେଶ୍ୱର ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦ ରାଜକିଶୋର ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ନୂଆଗାଁ ଗ୍ରାମର ରାଜକିଶୋର ମୁଣ୍ଡା ବିହାର ରେଜିମେଣ୍ଟର ଷଷ୍ଠ ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟରତ ଥିଲେ । ସ୍ୱର୍ଗତ ମୁଣ୍ଡା ଅରୁଣାଚଳ ପ୍ରଦେଶ ର ତାୱାଙ୍ଗ ଠାରେ କର୍ତ୍ତବ୍ୟରତ ଥିବା ବେଳେ ଗତ ୨୯ ତାରିଖ ରେ ସହିଦ ହୋଇଯାଇଛନ୍ତି ।

### ଦଧିମାଛଗାଡିଆରୁ ସେକ୍ସ ର୍ୟାକେଟ ଠାବ

## ମହିଳା ସମେତ ୧୧ ଗିରଫ, ୩ ଯୁବତୀ ଉଦ୍ଧାର

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ସଦରଥାନା ଅନ୍ତର୍ଗତ ଦଧିମାଛଗାଡିଆ ରାସ୍ତାପାର୍ଶ୍ୱ ଏକ ଘରେ ଗତକାଲି ବିଳମ୍ବିତ ରାତିରେ ପୁଲିସ ଚଢଉ କରି ସେକ୍ସ ର୍ୟାକେଟ ଠାବ କରିଛି । ସେଠାରୁ ପୁଲିସ ଜଣେ ମହିଳାଙ୍କ ସମେତ ୧୦ଜଣ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏଠାରୁ ୩ଜଣ ରୂପଜିବୀଙ୍କୁ ପୁଲିସ ଉଦ୍ଧାର କରିଛି । ଘଟଣାସ୍ଥଳରୁ ପୁଲିସ ନଗଦ ୩୭ହଜାର ଟଙ୍କା, ୬ବାଇକ, ୨କାର୍, ୧୭ମୋବାଇଲ ଏବଂ ବହୁ ଆପତିଜନକ ସାମଗ୍ରୀ ଜବତ କରିଛି । ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୁଲିସ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁ କହିନଥିବାବେଳେ ଗିରଫମାନଙ୍କ ନାଁ ମଧ ଦେଇନାହିଁ । ଦଧିମାଛଗାଡିଆ ଛକ ପାର୍ଶ୍ୱରେ ରହିଥିବା ଏକ ଘରେ ସେକ୍ସ ର୍ୟାକେଟ ଚାଲୁଥିବା ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଅଚାନକ ଚଢଉ କରିଥିଲା । ଚଢଉବେଳେ କିଛି ଯୁବତୀ ସେଠାରୁ ଖସିଯାଇଥିବାବେଳେ ଜଣେ ମହିଳା ବେପାରୀଙ୍କ ସହ ୧୧ଜଣଙ୍କୁ ପୁଲିସ ଧରିଥିଲା । ମହିଳା ଜଣକ ନୟାଗଡ ଅଂଚଳରୁ ଆସି ଏଠାରେ ବେପାର ଚଳାଇଥିବ । ପୁଲିସ ସୂଚନା ଦେଇଛି । ଏହି ସେକ୍ସ ରାକେଟରେ ଆହୁରି ଅନେକ ଲୋକ ଯୋଡ଼ି ହୋଇଥିବା ପୁଲିସ ସନ୍ଦେହ କରି ୮୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।



### କାଠଗାଡି ଜବତ : କୁଳଡିହା ବନବିଭାଗ ଦ୍ୱାରା ଜବତ ଗାଡ଼ିକୁ ନୀଳଗିରି ବନବିଭାଗକୁ ହସ୍ତାନ୍ତର

ନୀଳଗିରି(ସ.ବ୍ୟୁ)–ପେଟ୍ରୋଲିଂ ସାରି ଫେରୁଥିବା କୁଳଡ଼ିହା ବନବିଭାଗର ଏକଟିମ୍ ଗୋଟିଏ କାଠବୋଝେଇ ଗାଡ଼ିକୁ ଜବତକରି ନୀଳଗିରି ବନବିଭାଗକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ କୁଳଡିହା ବନବିଭାଗ ସୋମବାର ପୂର୍ବାହ୍ନରେ ପେଟ୍ରୋଲିଂ ସାରି ଫେରୁଥିବା ବେଳେ ଜାମୁଡିହା ଅଞ୍ଚଳରୁ ଏକ ପିକଅପ୍ ନଂ ଓଆର –୦୧ଏଫ୍ ୨୦୨୨ ଗାଡ଼ିରେ କାଠଲୋଡ କରି ରେମୁଣା ଅଞ୍ଚଳକୁ ଯାଉଥିବା ସମୟରେ ବାଲିଗୋହିରୀ ନିକଟରେ ଜବତ କରିଥିଲା।ପରେ ସଂପୃକ୍ତ କାଠଗାଡ଼ିଟି ନୀଳଗିରି ବନବିଭାଗ ଅଧିନରେ ଆସୁଥିବା ଜାଣି ନୀଳଗିରି ବନବିଭାଗକୁ ହସ୍ତାନ୍ତର କରିଥିଲେ।ଜବତ ଗାଡ଼ିରେ ୬୪.୫୧ସିପଟ୍ ତୁଡୁରା ଓ ଆମ୍ବ ଗଣ୍ଡି ଲୋଡ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୭୦ହଜାର ଟଙ୍କା ହେବବୋଲି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା ସୂଚନା ଦେଇଛନ୍ତି। ତେବେ ଆଜିର ଏହି ଘଟଣାରେ ତଥ୍ୟଦେବାକୁ ଉଭୟ ବନବିଭାଗ ଟାଳଟୁଳ ନୀତି ଗ୍ରହଣ କରିଥିବା ବେଳେ ସଲାସୂତରା ହୋଇ ଦୁର୍ନୀତିରେ ସଂପୃକ୍ତ ଥିବା ଅଞ୍ଚଳବାସୀ ସନ୍ଦେହ କରିଛନ୍ତି।

## ଆର୍ଯ୍ୟସମାଜରେ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଶାନ୍ତି ଯଜ୍ଞ

ଭୁବନେଶ୍ୱର,(ସବ୍ୟୁ): ସହିଦ ନଗରସ୍ଥିତ ଆର୍ଯ୍ୟସମାଜରେ ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ସ୍ଥାପନା ଦିବସ ପାଳନ ସହ ଶାନ୍ତିଯଜ୍ଞ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସ୍ୱର୍ଗତ ପିତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜିତ ଶାନ୍ତିଯଜ୍ଞରେ ଯଜମାନ ହୋଇଥିଲେ। କନ୍ୟାଙ୍କ ସହ ଶ୍ରୀ ପ୍ରଧାନ ବେଦମନ୍ତ୍ରରେ ସ୍ୱର୍ଗତ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ଆର୍ଯ୍ୟସମାଜର ଏକ ଗରିମାମୟ ଇତିହାସ ରହିଛି। ଦେଶ ଓ ଦେଶ ବାହାରୁ ପିତାଙ୍କ ଉଦ୍ଦେଶ୍ୟରେ ଯେଉଁ ସ୍ନେହ, ପ୍ରେମ ଓ ଭଲ ପାଇବା ସେ ପାଇଛନ୍ତି ସେଥିପାଇଁ କୃତଜ୍ଞ। ନିଛକ ବୈଦିକ ପଦ୍ଧତିରେ ହୋଇଥିବା ଏହି ଶାନ୍ତିଯଜ୍ଞ ତାଙ୍କୁ ଖୁବ୍ ଆତ୍ମସନ୍ତୋଷ ଦେଇଛି। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜ ଦେଶର କଲ୍ୟାଣ ନିମନ୍ତେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି । ଶିକ୍ଷା ଠାରୁ ସମାଜ ସଂସ୍କାର ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଆର୍ଯ୍ୟସମାଜ ଅବଦାନ ଅନନ୍ୟ । ସମାଜର ବୃହନ୍ତର ହିତରେ ଏଭଳି ପ୍ରୟାସ ବାସ୍ତବିକ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଆର୍ଯ୍ୟସମାଜର ସଭାପତି ଇଂ ପ୍ରିୟବ୍ରତ ଦାସ ଓ ମାତା ଶନ୍ନୋଦେବୀ ଦେବେନ୍ଦ୍ର ପ୍ରଧାନଙ୍କ ଅମର ଆତ୍ମାର ସଦଗତି ପୂର୍ବକ ବେଦମନ୍ତ୍ର ପାଠ କରି କିଛି ପୁସ୍ତକ ପ୍ରଦାନ କରିଥିଲେ । ସମସ୍ତ ବରିଷ୍ଠ ସଦସ୍ୟ ଶ୍ରୀ ପ୍ରଧାନ ଓ ତାଙ୍କ କନ୍ୟାଙ୍କୁ ମନ୍ତ୍ରପାଠ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ । ଉପସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ 'ବୈଦିକ ବନ୍ଦନ' ପୁସ୍ତକ ପ୍ରଦାନ କରିଥିଲେ।

ଆର୍ଯ୍ୟସମାଜ ସ୍ଥାପନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସତସଙ୍ଗରେ ବରିଷ୍ଠ ସଦସ୍ୟ ସୁଧାକର ପତ୍ରୀ ଓ ନିହାରବାଳା ପତ୍ରୀ ଯଜମାନ ହୋଇଥିଲେ । ବରିଷ୍ଠ ସଦସ୍ୟ ଡାକ୍ତର ଗୋପାଳ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପ୍ରବଚନ ପ୍ରଦାନ କରିଥିଲେ ବରିଷ୍ଠ ସଦସ୍ୟ ଇଂ ବ୍ରଜବନ୍ଧୁ ପଣ୍ଡା, ଅନିରୁଦ୍ଧ ପଟ୍ଟନାୟକ, ବଂଶୀଧର ଦାଶ ଓ ବନ୍ଦନା ମିଶ୍ର ପ୍ରମୁଖ ପ୍ରବଚନ ଦେଇଥିଲେ। ନାରୀ ଶିକ୍ଷା, ବେଦର ପୁନରୁଦ୍ଧାର ସହ କୁସଂସ୍କାର ବିରୋଧରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯେଉଁ ଜାଗରଣ ସୃଷ୍ଟି କରିଥିଲେ ତା'ର ଫଳସ୍ୱରୂପ ୧୮୭୫ ମସିହାରେ ସେହି ଆନ୍ଦୋଳନ ସଫଳ ରୂପ ନେଇ 'ଆର୍ଯ୍ୟସମାଜ'ରେ ପରିଣତ ହୋଇଥିଲା ବୋଲି ପ୍ରବଚକ ମାନେ ମତବ୍ୟକ୍ତ କରିଥିଲେ । ନୂତନ ସଦସ୍ୟ ସୌମିତ୍ରୀ ଦେ, ସବିତା କୁମାରୀ ପଣ୍ଡା ନିଜର ଅନୁଭୂତି ପ୍ରକାଶ କରିଥିଲେ । ମମତା ମିଶ୍ର, ବନ୍ଦନା ଦାଶ, ଡାକ୍ତର ପ୍ରଜ୍ଞା ଦାସ, ନୃସିଂହ ଚରଣ ସ୍ୱାଇଁ ସହ ସମ୍ପାଦକ ସୁନୀଲ କୁମାର ଦେ ପ୍ରମୁଖ ବୈଦିକ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ଆର୍ଯ୍ୟ ବୀର ଦଳ ଓ ଜିସୋଲ୍ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ ।



### ବିଧାନସଭା ଘେରାଉ ଝମେଲା, ଗିରଫ ହେଲେଣି ୩

ଭୁବନେଶ୍ୱର, (ସବ୍ୟୁ) : ବିଧାନସଭା ଘେରାଉ ଝମେଲାରେ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଲାଣି । ପୂର୍ବରୁ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରତୀକ ଦାସ (୨୦) ନାମକ ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ଆଜି କୋର୍ଟଚାଲାଣ କରାଯାଇଥିବା ଡିସିପି ଜଗମୋହନ ମୀନା କହିଛନ୍ତି । ପ୍ରତୀକ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାରରେ ରୁହେ ।

ଗତ ୨୮ ତାରିଖ ଦିନ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ଡାକରା ଦିଆଯାଇଥିଲା । ହଜାର ହଜାର କର୍ମୀ ଘେରାଉ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ପୋଲିସ ସହ ସେମାନଙ୍କର ଗଣ୍ଡଗୋଳ ହୋଇଥିଲା । ଘେରାଉରେ ସାମିଲ ଥିବା ଆନ୍ଦୋଳନକାରୀ ଓ ୧୫ ପୋଲିସଙ୍କ ସମେତ ବହୁ ଆହତ ହୋଇଥିଲେ । ପୋଲିସକୁ ଆକ୍ରମଣ କରିବା ଘଟଣାରେ କ୍ୟାପିଟାଲ ଥାନାରେ ତିନୋଟି ମାମଲା ହୋଇଛି । ସେହି ମାମଲା ଗୁଡିକରେ ସମ୍ପୃକ୍ତ ତିନିଜଣ ଗିରଫ ହୋଇସାରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଖୋଜୁଛି । ପ୍ରତୀକ ଦାସକୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।



ପବିତ୍ର ଇଦ୍ ଉପଲକ୍ଷେ ଭୁବନେଶ୍ୱର ଯଦୁପୁର ମସ୍‌ଜିଦ୍‌ରେ ନମାଜ ପାଠ

### ରାଜ୍ୟରେ ଭୁଶୁଡ଼ିଛି ଆଇନଶୃଙ୍ଖଳା

## ସରକାର ପୋଲିସ ପ୍ରଶାସନ ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରୁଛି : କାଡ଼ାମ



ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଆଇନଶୃଙ୍ଖଳାର ବିପର୍ଯ୍ୟସ୍ତ ସ୍ଥିତି, ଅସୁରକ୍ଷିତ ମହିଳା, ସରକାର ଓ ପୋଲିସର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ରାଜ୍ୟରେ ମହିଳା ନିର୍ଯାତନା ବଢିଚାଲିଛି । ଲଗାତର ୧୬ ଦିନ ଧରି ବିଧାନସଭାରେ ଗୃହ କମିଟି ଓ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବିରେ ଆନ୍ଦୋଳନ କଲା ପରେ ବି କିଛି ପଦକ୍ଷେପ ନେଲେନି ସରକାର ବୋଲି ଶ୍ରୀ କାଡାମ କହିଛନ୍ତି ।

ସମ୍ବାଦିକ ସମ୍ମିଳନୀରେ ଶ୍ରୀ କାଡ଼ାମ ମହିଛନ୍ତି, ଏହି ସରକାରର ୯ ମାସ ମଧ୍ୟରେ ରାଜ୍ୟର ମା, ଝିଅ, ଭଉଣୀ ଅସୁରକ୍ଷିତ । ସବୁ ଜାଗାରେ ସବୁ ଜିଲ୍ଲାରେ ମହିଳା ନିର୍ଯାତନା ବଢିଚାଲିଛି । ଛାତ୍ରୀମାନେ ଗର୍ଭବତୀ ହେଉଛନ୍ତି । ସେପଟେ ସରକାର ଗଣତନ୍ତ୍ରକୁ ବିଶ୍ୱାସ କରୁନାହାଁନ୍ତି । ମା ସୁରକ୍ଷିତ ନୁହେଁ ତ ରାଜ୍ୟ ସୁରକ୍ଷିତ ହେବ କେମିତି? ଗତ ୨୭ ତାରିଖରେ ଯେଉଁ ବିଧାନସଭା ଘେରାଉ କରାଗଲା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଲା । ପୂର୍ବ ସରକାର ସମୟରେ କ'ଣ ବିଜେପି ଆନ୍ଦୋଳନ କରି ନଥିଲା, ବିଧାନସଭାରେ ବିଜେପି ଡାଲି, ଚପଲ ଫିଙ୍ଗିଥିଲେ, ନିଜେ ଘଣ୍ଟ ପିଟିଥିଲେ । ତାହେଲେ ଏବେ ବିରୋଧୀଙ୍କ ଆନ୍ଦୋଳନକୁ କାହିଁକି ସହିପାରୁନି ବୋଲି ପ୍ରଶ୍ନ ଉଠାଇଛନ୍ତି ଶ୍ରୀ କାଡ଼ାମ ।

ପୋଲିସ ଉପରେ ମଧ ବର୍ଷି ଶ୍ରୀ କାଡ଼ାମ କହିଛନ୍ତି ଯେ ପୋଲିସ ଡିଜି ଯେଉଁଭଳି ଭାବେ ଗୋଟେ ରାଜନୈତିକ ଦଳର ସଂଗଠକ ଭାବେ ମନ୍ତବ୍ୟ ଦେଲେ, ତାହାକୁ ନିନ୍ଦା କରୁଛି କଂଗ୍ରେସ । ସେ ଦଳର କର୍ମୀ ନୁହନ୍ତି । ତାଙ୍କୁ ରାଜ୍ୟର ଆଇନଶୃଙ୍ଖଳା ରକ୍ଷାର ଦାୟିତ୍ୱ ଦିଆଯାଇଛି । ଗୋଟିଏ ଦଳର ସୁରକ୍ଷା ଦାୟିତ୍ୱ ଦିଆଯାଇ ନାହିଁ ବୋଲି କହିଛନ୍ତି ଶ୍ରୀ କାଡାମ । ମା'ମାନଙ୍କ ସୁରକ୍ଷା ପାଇଁ କାହିଁକି ଡିଜି ଆଗେଇ ଗଲେନି । କିନ୍ତୁ କଂଗ୍ରେସ କର୍ମୀଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ । କଂଗ୍ରେସ ଦଳର ଲୋକ କ'ଣ ଆତଙ୍କବାଦୀ କି? ଯେଉଁମାନେ ଆଗରୁ ଦଙ୍ଗା ଭିଆଉଥିଲେ, ସେମାନେ ଆଜି ସରକାରରେ । ଏହାକୁ କଂଗ୍ରେସ ଡରିବ ନାହିଁ । ମା'ମାନଙ୍କୁ ସୁରକ୍ଷା ଯେ ପର୍ଯ୍ୟନ୍ତ ନିଆନଯାଇଛି କଂଗ୍ରେସ ପଛକୁ ହଟିବ ନାହିଁ ।

ସେହିଭଳି କଂଗ୍ରେସ ବିଧାୟକଙ୍କୁ ବିଧାନସଭାକୁ ଛଡ଼ାଯାଉ ନାହିଁ । ଆମେ କଣ ଆତଙ୍କବାଦୀ ବୋଲି ପ୍ରଶ୍ନ କଲେ କଂଗ୍ରେସ ବିଧାୟକ ଦଳ ନେତା ।

**କୋଟିଆରେ ଆନ୍ଧ୍ରର ବାରମ୍ବାର ଅନୁପ୍ରବେଶ, ସରକାର ନୀରବ**

**କୋଟିଆର ୨୧ ଅଞ୍ଚଳକୁ ଆନ୍ଧ୍ରକୁ ଦେବାର ଆଶଙ୍କା**

ଦମନଲୀଳା ପୋଲିସ ଦ୍ୱାରା ଯେଭଳି ହେଉଛି, ତାକୁ ନେଇ ଚେତାବନୀ ଦେଇଛି କଂଗ୍ରେସ । ସେପଟେ ପୋଲିସ ବିଭିନ୍ନ ସ୍ଥାନରେ ମାଡ଼ ଖାଉଛି । ଏହାକୁ ନେଇ କଂଗ୍ରେସ ଦୁଃଖ ପ୍ରକାଶ କରୁଛି, ଏବେ ପୋଲିସ ଉପରେ ଲୋକଙ୍କ ବିଶ୍ୱାସ ଆଉ ଭରଷା ତୁଟି ଯାଇଛି । ଆଗକୁ କଂଗ୍ରେସ ବ୍ଲକ ଓ ଜିଲ୍ଲା ସ୍ତରରେ ଅହିଂସା ମାର୍ଗରେ ଆନ୍ଦୋଳନ ତୀବ୍ରତର କରିବ ବୋଲି ଚେତାଇ ଦେଇଛନ୍ତି ଶ୍ରୀ କାଡାମ ।

କେନ୍ଦ୍ରରେ ସରକାରକୁ ବଞ୍ଚାଇବା ପାଇଁ ବିଜେପିର ଡବଲ ଇଞ୍ଜିନ ସରକାର ଯୌତୁକ ହିସାବରେ କୋଟିଆର ୨୧ ଅଞ୍ଚଳକୁ ଆନ୍ଧ୍ର ହାତକୁ ଟେକିଦେବେ ନାହିଁ ତବୋଲି କହି ବଡ଼ ଆଶଙ୍କା ବ୍ୟକ୍ତ କଲେ ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ । କୋଟିଆରେ ଆନ୍ଧ୍ର ପ୍ରତିଦିନ ଅନୁପ୍ରବେଶ କରୁଛି, କିନ୍ତୁ ଓଡ଼ିଶା ସରକାର ନୀରବ । ଏହି ନୀରବତା କୋଟିଆ ପାଇଁ ବଡ଼ ବିପଦ ସୃଷ୍ଟି କରିଛି । ଏବେ ଆନ୍ଧ୍ର ସରକାର କୋଟିଆରେ ପାଣି ଟାଙ୍କି କରି ଲୋକଙ୍କୁ ପାଣି ଦେଲେଣି ।ରାଜ୍ୟର ସୀମା ସୁରକ୍ଷିତ ନାହିଁ । କୋଟିଆର ସବୁ ଗାଁରେ ଉତ୍କଳ ଦିବସ ପାଳନ କରିବେ ସ୍ଥାନୀୟ ବିଧାୟକ । କୋଟିଆ ଅଞ୍ଚଳର ୨୦ ହଜାରରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରାଯିବ । ରାଜ୍ୟର ସୀମା ଓ ମା'ମାନେ ଅସୁରକ୍ଷିତ, ତେଣୁ ଓଡ଼ିଆ ପକ୍ଷ ପାଳନ କଣ ପାଇଁ ବୋଲି ପ୍ରଶ୍ନ ଉଠାଇଛନ୍ତି ଶ୍ରୀ କାଡାମ ।

## ୧୭ ତମ କୋଚିଲେଇ ମହୋତ୍ସବ ଉଦଯାପିତ

କଟକ,(ସବ୍ୟୁ): ପରମ୍ପରାକୁ ବଜାୟ ରଖି ପ୍ରତିବର୍ଷ ଭଳି ଚଳିତ ବର୍ଷ ମା କୋଚିଲେଇଙ୍କ ୧୭ତମ ମହୋତ୍ସ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ଏହି ଉତ୍ସବଟି ଭାରତ ମସଲାର ମୁଖ୍ୟ ପୃଷ୍ଠପୋଷକତାରେ ଆୟୋଜିତ ହୋଇଥଲା।ଛପ୍ରଥମ ଦିନରେ ପରମହଂସ ପଞ୍ଚାୟତର ପାଞ୍ଚଶହରୁ ଉର୍ଦ୍ଧ୍ୱ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ ଯଜ୍ଞ ବେଦୀ ନିକଟରେ ପହଞ୍ଚିଥିଲେଛ ପରେ ଅଙ୍କୁରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ଚତୁର୍ଦ୍ଦଶ ମହାଭାଗ କୀର୍ତ୍ତନ ମଣ୍ଡଳୀର ମୁଖିଆ ତଥା ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ନେତୃତ୍ୱରେ ମା କୋଚିଲେଇ ଠାକୁରାଣୀଙ୍କ ପାଖରେ ହରିନାମ କୀର୍ତ୍ତନ କରାଯାଇଥିଲା । ମହୋତ୍ସବ କମିଟିର ଅଧକ୍ଷ ପ୍ରଫୁଲ୍ଲ ସିଂ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏକ ଚଉଡ଼ି ଶୋଭାଯାତ୍ରା ମାଆଙ୍କ ପ୍ରାଙ୍ଗଣରୁ ବାହାରି ମତଗଜପୁର, ହାଟସାହି, ସଫିପୁର,ରାଜହଂସ ଓ ପରମହଂସ ଅଞ୍ଚଳ ପରିକ୍ରମା କରିଥିଲା । ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଗାୟିକା ଦିପ୍ତିରେଖା ପାଢୀ,ସମାଜସେବୀ ହୃଷୀକେଶ ଜେନା,ଡାକ୍ତର ଶୁଭାଶିଷ, ସ୍ଥାନୀୟ ସରପଞ୍ଚ ଅଶୋକ ପାତ୍ର ଯୋଗ ଦେଇଥିଲେ । ମୁଖ୍ୟ ପୃଷ୍ଠପୋଷକ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଉକ୍ତ ମହୋତ୍ସବରେ ନିଜକୁ ପ୍ରତ୍ୟକ୍ଷ ଭାବେ ସାମିଲ କରିପାରୁଥିବାରୁ କମିଟିର କାର୍ଯ୍ୟକର୍ତ୍ତା ମାନଙ୍କ ନିକଟରେ ଋଣି ବୋଲି କହିଛନ୍ତି । କମିଟିର ସମ୍ପାଦକ ସୁମନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ସମସ୍ତଙ୍କ ଉଦ୍ୟମରେ ମାଆଙ୍କର ପୂଜାର୍ଚ୍ଚନା ଯଥାବିଧି ସମାପନ ହୋଇଥିଲା ବୋଲି କହିଥିଲେ । ଶେଷରେ ସୁବୋଧ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।



### ରାଜ୍ୟରେ ରନ୍ଧନ ବିଶେଷଜ୍ଞମାନଙ୍କୁ ରୁଚି ପକ୍ଷରୁ ସମ୍ବର୍ଦ୍ଧନା

## ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ପାଇଁ ରୁଚି ଆଜି ଆଗରେ

ଭୁବନେଶ୍ୱର, (ସବ୍ୟୁ): ଅଷ୍ଟମ ରାଜ୍ୟସ୍ତରୀୟ ରନ୍ଧନ ବିଶେଷଜ୍ଞ (କ୍ୟାଟରସ୍ ମିଟ୍) ମାନଙ୍କ ସମ୍ମିଳନୀ ରବିବାର ଦିନ ଅନୁଷ୍ଠିତ ହୋଇଥିଲା । କ୍ୟାଟରିଙ୍ଗ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଆସୋସିଏସନର ସର୍ବଭାରତୀୟ ସଭାପତି ନରେନ୍ଦ୍ର ସୋମାନି, ସଂପାଦକ କିରୀଟ ବୁଦ୍ଧଦେବ ଓ ଦକ୍ଷିଣାଞ୍ଚଳ ଜୋନ୍ ମୁଖ୍ୟ ଅତୁଲ ମେହେଟ୍ଟା ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶାର ଏକନମ୍ବର ମସଲା ବ୍ରାଣ୍ଡ ଭାବରେ ଘରେ ଘରେ ସୁପରିଚିତ ରୁଚି ଫୁଡ୍ ଲାଇନ୍ ପକ୍ଷରୁ ଏହି ଅବସରରେ ଯୋଗ ଦେଇଥିବା ୩୦୦ ଜଣ ବିଶିଷ୍ଟ ରନ୍ଧନ ବିଶେଷଜ୍ଞମାନଙ୍କୁ ବିଶେଷ ଉପହାର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ୫୦ ବର୍ଷରେ ପହଂଚିଥିବା ଏହି ମସଲା କିଭଳି ଉଚ୍ଚ ଗୁଣମାନ ଓ ସ୍ୱାସ୍ଥ୍ୟପ୍ରଦ ମସଲା, ସିମାଇ, ପାସ୍ତା ଓ ଚା ସାମଗ୍ରୀ ପାଇଁ ଲୋକମାନଙ୍କ ପାଖରେ ବିଶେଷ ଗ୍ରହଣୀୟ ହୋଇପାରିଛି ସେ ସଂପର୍କରେ ରୁଚି ସେଲ୍ସ ମୁଖ୍ୟ ଦିଲ୍ଲୀପ କୁମାର ସାହୁ, କ୍ୟୁସି ମୁଖ୍ୟ ଅଶୋକ ନାୟକ ଓ କର୍ପୋରେଟ ସେଲସ୍‌ର ସାଇ ସମ୍ବିତା ନାୟକ କହିଥିଲେ । ରାଜ୍ୟର ରନ୍ଧନ ବିଶେଷଜ୍ଞମାନଙ୍କ ବ୍ୟବସାୟିକ ଅଭିବୃଦ୍ଧି ଓ ବିକାଶ ପାଇଁ ରୁଚି ସବୁବେଳେ କାର୍ଯ୍ୟକରି ଆସୁଛି ଏବଂ ସେମାନଙ୍କର ସହଭାଗିତା ଆଜି ରୁଚିକୁ ଶୀର୍ଷରେ ପହଂଚାଇଛି ବୋଲି କହିଥିଲେ । ରାଜ୍ୟ ସଂଘର ସଭାପତି ବିନୟ ଭୂଷଣ ପଟ୍ଟନାୟକ ଓ ସଂପାଦକ ଦେବୀ ପ୍ରସାଦ ରଥ ରୁଚି ଅନୁଷ୍ଠାନର ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରୁଚି ମାର୍କେଟିଂ ବିଭାଗର ପ୍ରଶାନ୍ତ କୁମାର ପାତ୍ର, ଉଷାରାଣୀ ପାଣି, ଶୁଭାଶିଷ ଜେନା, ସୋନାଲି ସାହୁ, ସାଗର ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।




## ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

କଟକ, (ସବ୍ୟୁ): (ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କଟକ ଜିଲ୍ଲା ଶାଖା ତରଫରୁ ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ରବିବାର ସନ୍ଧ୍ୟାରେ କଲେଜଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ମହାସଂଘ ଉଚ୍ଚଶିକ୍ଷା ଶାଖାର ରାଜ୍ୟ ସଭାପତି ପ୍ରଫେସର ଶିବବ୍ରତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେଛ ଡକ୍ଟର ବିକଳି ଚରଣ ଦାସ, ଡକ୍ଟର ବିଜୟ ଭୂଷଣ ଆଚାର୍ଯ୍ୟ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଡକ୍ଟର ସରୋଜ କୁମାର ଦାସ, ଅଧ୍ୟାପକ ଅକ୍ଷୟ କୁମାର ଦାସ, ଡକ୍ଟର ନାରାୟଣ ମହାନ୍ତି ପ୍ରମୁଖ ରାଷ୍ଟ୍ରୀୟ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଏହାକୁ ନବବର୍ଷ ରୂପେ ପାଳନ କରିବା ଯଥାର୍ଥ ବୋଲି ମତ ପ୍ରକାଶ ପାଇଥିଲା ।

## ଶ୍ରୀକ୍ଷେତ୍ରରେ ରାମନବମୀରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପର୍ବ ସାହିଯାତ ମହାସମାରୋହ

ଭୁବନେଶ୍ୱର (ସବ୍ୟୁ): ଶ୍ରୀକ୍ଷେତ୍ରରେ ଆସନ୍ତା ଏପ୍ରିଲ ୬ ତାରିଖ ରାମନବମୀ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପର୍ବ ସାହିଯାତ ମହାସମାରୋହରେ ପାଳନ କରାଯିବ । ଏହି ସମୟରେ ପୁରା ଜଗନ୍ନାଥଧାମ ମୁକ୍ତାକାଶ ରଙ୍ଗମଞ୍ଚରେ ପରିଣତ ହେବା ସହ ବିବିଧ ପ୍ରକାରର ସମର କଳା, ଲୋକନୃତ୍ୟ ତଥା ରାମ ରାବଣ ଯୁଦ୍ଧରେ ପ୍ରକମ୍ପିତ ହେବ ଶ୍ରୀକ୍ଷେତ୍ର । ଏହି ପ୍ରାଚୀନ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବା ଏବଂ ଆଗାମୀ ପିଢ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପୁରୀ ସାହିଯାତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଉଦ୍ୟମର ଅଂଶ ଭାବରେ ଆଜି ସଂସ୍କୃତି ଭବନ, ଭୁବନେଶ୍ୱର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଆଜି ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ଠାରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ, ସାଂସଦ ଡ଼ା. ସମ୍ବିତ ପାତ୍ର, ରାଜ୍ୟ ସଂସ୍କୃତି ସଚିବ, ସଂସ୍କୃତି ନିର୍ଦ୍ଦେଶକ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୁରୀ ଜିଲ୍ଲା ବି.ଜେ.ପି ସଭାପତି ଡ଼ା. ଦେବେନ୍ଦ୍ର ନାଥ ତରେଇ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଆଠ ସାହି ଆଖଡ଼ା ମିଳିତ ସମନ୍ୱୟ ସମିତିର ସମ୍ପାଦକ ତଳୁଛ ନୀଳକଣ୍ଠ ମହାପାତ୍ର, ସଭାପତି ରବୀନ୍ଦ୍ରନାଥ ସେନାପତି ଓ ଆଠ ସାହି ଆଖଡ଼ାର ବରିଷ୍ଠ ଅଧିକାରୀମାନେ ଭାଗ ନେଇଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିର ନୀତିକାନ୍ତି ସହିତ ରାମଲୀଳା ଓ କୃଷ୍ଣଲୀଳା ଅଙ୍ଗାଙ୍ଗୀଭାବେ ଜଡିତ ଅଛି ବୋଲି ମନ୍ତ୍ରୀ ମହୋଦୟ ପ୍ରକାଶ କରିଥିଲେ । ସମସ୍ତ ସାହି ମୁକ୍ତାକାଶ ରଙ୍ଗମଞ୍ଚରେ ପରିଣତ ହୋଇଯାଏ । ତେବେ ସାହିଯାତ ପାଇଁ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଉତ୍ସବର ପ୍ରଚାର ପ୍ରସାର ନିମନ୍ତେ ମାନ୍ୟବର ମନ୍ତ୍ରୀ ୧୬ ଲକ୍ଷ ଟଙ୍କା ଅନୁଦାନ କରିଛନ୍ତି, ଯାହାର ମଧ୍ୟରୁ ୮ ଲକ୍ଷ ବେଶ ପୋଷାକ ପାଇଁ ଏବଂ ୮ ଲକ୍ଷ ପ୍ରୋତ୍ସାହନ ରାଶି ଭାବେ ବିନିଯୋଗ କରାଯିବ । ସାହିଯାତକୁ ଦେଶ ଓ ବିଦେଶରେ ଅଧିକ ପ୍ରଚାର କରିବା ପାଇଁ ମାନ୍ୟବର ସାଂସଦ, ପୁରୀ ମତ ପ୍ରକାଶ କରିଥିଲେ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୭୪
ତିଥି : ତୃତୀୟା
୦୧ ଏପ୍ରିଲ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 174
01 April 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଆଇଏମ୍‌ଡି ପକ୍ଷରୁ ଜାରି ହେଲା ସୂଚନା

## ଏପ୍ରିଲ-ଜୁନ୍‌ରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ,୩୧।୩ (ଏଜେନ୍ସି): ଏପ୍ରିଲରୁ ଜୁନ୍ ମଧ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ଭାରତର ଅଧିକାଂଶ ଅଞ୍ଚଳ ମଧ୍ୟରେ ଓଡ଼ିଶା-ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ, ଉତ୍ତର-ପଶ୍ଚିମ ଭାରତର ବହୁ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିବ। ବିଶେଷ କରି ଏପ୍ରିଲ ମାସଠାରୁ ୫ରୁ ୬ ଗ୍ରୀଷ୍ମ ଲହରୀ ସହ ପ୍ରଚଣ୍ଡ ଉତ୍ତପ୍ତ ରହିବ। ଏହି ମାସରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡରେ ଏହି ଅନୁଭୂତ ହେବ। ତେବେ ଦିଲ୍ଲୀ ଓ ଉତ୍ତର-ପଶ୍ଚିମ ଭାରତରେ ଆହୁରି ୨/୩ ଦିନ ଅଧିକ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।



ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏମ୍‌ଡି ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ, ଏପ୍ରିଲ, ମେ, ଜୁନ୍‌ରେ ପୂର୍ବ ଭାରତରେ ୧୦ରୁ ୧୨ ଦିନ ଗ୍ରୀଷ୍ମ ଲହରୀ ଦେଖିବାକୁ ମିଳିବ। ସେହିଭଳି କେନ୍ଦ୍ରୀୟ ଭାରତ, ପୂର୍ବ ଭାରତ ଓ ଉତ୍ତର, ପଶ୍ଚିମ ଭାରତରେ (୯ ପୃଷ୍ଠାରେ)

## ଆଜିଠୁ ୫ଦିନ ଯାଏ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୩୧।୩ (ସବ୍ୟୁ) : ରାଜ୍ୟରେ ସୂର୍ଯ୍ୟଙ୍କ ଉତ୍ତାପ ବୃଦ୍ଧି ପାଉଛି। ଦିନ ୯ଟାରୁ ଟାଇଁଟାଇଁ ଖରା ହେଉଛି। ତେବେ ତାତିରେ ଲାଗିବ ବ୍ରେକ୍, ଆଶ୍ୱସ୍ତି ଆଣିବ କାଳବୈଶାଖୀ। ଆସନ୍ତାକାଲି (ମଙ୍ଗଳବାର) ଠାରୁ ପାଣିପାଗ ବଦଳିବ। ଆଗାମୀ ୫ ଦିନ ଯାଏ ତାଣ୍ଡବ ରଚିବ କେଳବୈଶାଖୀ ବର୍ଷା।

ଚଳିତ ଏପ୍ରିଲରେ ଅସହ୍ୟ ତାତି ହେବାର ସମ୍ଭାବନା ରହିଛି। ସ୍ୱାଭାବିକ ଠାରୁ ଅଧିକ ଦିନ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ଏକ୍ସରେ ଲେଖିଛନ୍ତି। ବୌଦ୍ଧ ଆଜି(ସୋମବାର)ସର୍ବାଧିକ ଉତ୍ତପ୍ତ ସହର ପାଲିଥିବା ସହିତଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିତ ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୨ଡିଗ୍ରୀ ଥିବା ବେଳେ ବଲାଙ୍ଗୀରରେ ୪୧.୧ ଡିଗ୍ରୀ, ଟିଟିଲାଗଡ଼ରେ ୪୧ ଡିଗ୍ରୀ, ସମ୍ବଲପୁରରେ ୪୦.୬ ଡିଗ୍ରୀ, ହୀରାକୁଦରେ ୩୯.୯ ଡିଗ୍ରୀ, ରାଉରକେଲାରେ ୩୮.୬ ଡିଗ୍ରୀ, ଭୁବନେଶ୍ୱର ୩୬.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ କିଛି ସ୍ଥାନରେ ଝଡ଼ ପବନ ବର୍ଷା ସହ କୁଆପଥର ବର୍ଷା ନେଇ ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବରେ ତାପମାତ୍ରା ୨-୩ ଡିଗ୍ରୀ ଯାଏ କମିପାରେ। ଏପ୍ରିଲ ୧ରେ ମଧ୍ୟ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତାକାଲି (ମଙ୍ଗଳବାର) ମାଲକାନଗିରି, (୯ ପୃଷ୍ଠାରେ)




## ମହିଳା ମାଓ ନେତା ରେଣୁକା ମୃତ

ନୂଆଦିଲ୍ଲୀ, ୩୧।୩ : ମାଓ ଦମନ ଲାଗି ଅପରେସନ୍ ଜୋରଦାର ଚାଲିଛି। ପ୍ରମୁଖ ମାଓ ନେତା ଗୁମା ଡେଭିଲ ରେଣୁକା ଓରଫ ବାନୁ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ସହ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ଏହାଛଡା ଅନେକ ପ୍ରମୁଖ ମାଓ ନେତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳୁଛି। ଛତିଶଗଡ ସରକାର ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା।

ଆଜି ମଧ୍ୟ ଦାନ୍ତେୱାଡା-ବିଜାପୁର ସୀମାରେ ଥିବା ବେଲନାର ଗାଓଁ ନିକଟରେ ଥିବା ଏକ ଘଞ୍ଚ ଜଙ୍ଗଲରେ ଏନ୍‌କାଉଣ୍ଟର ହୋଇଛି। ଏଠାରେ ମାଓ କ୍ୟାଡରମାନେ ଥିବାର ସୂଚନା ସୁରକ୍ଷାକର୍ମୀଙ୍କୁ ମିଳିଥିଲା। (୯ ପୃଷ୍ଠାରେ)

## ଭୂକମ୍ପ ମୃତ୍ୟୁ ସଂଖ୍ୟା ୨୦୦୦ ଟପିଲା

ନୂଆଦିଲ୍ଲୀ, ୩୧।୩ : ମିଆଁମାରର ଭୟାବହ ଭୂମିକମ୍ପ ଜନିତ ମୃତ୍ୟୁ ସଂଖ୍ୟା ୨୦୦୦ ଟପିଲାଣି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ଆହତଙ୍କ ସଂଖ୍ୟା ୪ ହଜାର ଛୁଇଁଲାଣି। ଗତ ୨୮ ତାରିଖରେ ମିଆଁମାରରେ ହୋଇଥିବା ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟା ଏବେ ୨୦୫୬ ହୋଇଛି। ପ୍ରାୟ ୨୭୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି।

ଧ୍ୱଂସସ୍ତୁପ ପାଲଟିଥିବା କୋଠା ମଧ୍ୟରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ସପ୍ତାହେବ୍ୟାପି ସେଠାରେ ଭୂକମ୍ପ ଯୋଗୁ ମୃତ୍ୟୁବରଣ କରିଥିବା (୯ ପୃଷ୍ଠାରେ)

DADLS-08



ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
ସ୍ଥାନ-ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୋସ, ବିଧାୟିକା, ବାରବାଟୀ-କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
- ଗରିମାମୟ ଉପସ୍ଥିତି -
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/13/0488/2425

# ସମ୍ବଲପୁର ଯୁବା ମଞ୍ଚ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମାରୱାଡି ଯୁବାମଞ୍ଚ ଓ ଶକ୍ତି ଶାଖାର ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଛନ୍ତି । କ୍ଷେତରାଜପୁର ପଞ୍ଚାୟତ ଧର୍ମଶାଳାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଅମିତ ଅଗ୍ରୱାଲ ଏବଂ ଜ୍ୟୋତି ଲୋହିଆ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ । ମଞ୍ଚର ପୂର୍ବତନ ପ୍ରାନ୍ତୀୟ ସଭାପତି ଶ୍ୟାମସୁନ୍ଦର ଶର୍ମା ମୁଖ୍ୟଅତିଥି, ପ୍ରାନ୍ତୀୟ ଉପାଧ୍ୟକ୍ଷ ଦେବାଶିଷ ଅଗ୍ରୱାଲ ଉଦ୍‌ବୋଧନ ଦେଇଥିଲେ । ମଞ୍ଚ ଶାଖାର ରିତେଶ ମିତ୍ତର ସଭାପତି, ଶକ୍ତି ଶାଖାର ନିଶା ଅଗ୍ରୱାଲ ଅଧ୍ୟକ୍ଷା, ନୀଲମ ସରାଫ ଓ ଗୌରବ ଅଗ୍ରୱାଲ କୋଷାଧ୍ୟକ୍ଷ, ଯଶରାଜ ଅଗ୍ରୱାଲ ଏବଂ ଡଲି ଅଗ୍ରୱାଲ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୋକସରା ବ୍ଲକର ଜଳସେଚନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି

କୋକସରା(ସବ୍ୟୁ): କଳାହାଣ୍ଡି ଗସ୍ତରେ ଆସି ରବିବାର ଭବାନୀପାଟଣା ଶ୍ରୀକୃଷ୍ଣ ନଗର ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ମେଗାଲିଫ୍ଟ କେନାଲରୁ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ପାଖାପାଖି ୨୬ ହଜାର ହେକ୍ଟରକୁ ଖରିଫ ଓ ରବି ଚାଷ ପାଇଁ ଜଳସେଚନ ଯୋଗାଇ ଦେବାକୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

୨୦୨୧ ଜାନୁଆରୀରେ ତତ୍କାଳୀନ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଗାଲିଫ୍ଟ କେନାଲକୁ ୩ ବ୍ଲକରେ ଥିବା ଅଣ ଜଳସେଚିତ ଅଞ୍ଚଳକୁ ଜଳସେଚନ ପାଇଁ ଲୋକାର୍ପଣ କରିଥିଲେ। ତେବେ ମେଗାଲିଫ୍ଟ କେନାଲରୁ ଖରିଫ ଋତୁରେ ସ୍ୱାଭାବିକ ଭାବରେ ଜଳସେଚନ ଜାରି ରହିଥିବା ବେଳେ ଚଳିତ ବର୍ଷ ରବି ଚାଷ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଥିବା ଦର୍ଶାଇ ଉଠା ଜଳସେଚନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଜଳସେଚନ ବନ୍ଦ କରିଛି। ପୂର୍ବରୁ ଜଳସେଚନ ଦାବିରେ କୋକସରା ବ୍ଲକ ସଚେତନ କୃଷକ ମଞ୍ଚ ପକ୍ଷରୁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଛି ତେବେ ଜଳସେଚନ ନେଇ କୌଣସି କାର୍ଯ୍ୟକାରୀ ହେଲାନାହିଁ। ଫଳରେ ୩ ବ୍ଲକର ଚାଷି ସମୂହ ନିରାଶ ହୋଇଛନ୍ତି। ଆଗକୁ ଖରିଫ ଓ ରବି ଚାଷ ପାଇଁ ମେଗାଲିଫ୍ଟ କେନାଲରେ ନିରନ୍ତର ଜଳସେଚନ କରିବା ପାଇଁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀଙ୍କ ଉପସ୍ଥିତିରେ କୋକସରା ବ୍ଲକର ୨୨ ପଞ୍ଚାୟତ ଗ୍ରାମସଭା ପ୍ରସ୍ତାବିତ ଓ ବ୍ଲକ ସମିତି ବୈଠକରେ ପ୍ରସ୍ତାବ ଦସ୍ତାବିଜ ସହ ବ୍ଲକ ଉପାଧକ୍ଷ ଶ୍ରୀ ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।



# ପରବାଙ୍ଗିରେ ମହିମା ମେଳା ମହୋତ୍ସବ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରବାଙ୍ଗି ସ୍ଥିତ ସତ୍ୟ ମହିମା ଆଶ୍ରମରେ ଚାଲିଛି ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ-୨୦୨୫। ମଠାଧୀଶ ସାଧୁ ପ୍ରଭାକର ଦାସଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ ବ୍ରହ୍ମଯଜ୍ଞର ପୌରହିତ୍ୟ କରିଥିଲେ ବ୍ରହ୍ମ ଅବଧୂତ ଭଗବାନ ଦାସ । ବ୍ରହ୍ମ ଅବଧୂତ ମଦନ ବାବା, ବ୍ରହ୍ମ ଅବଧୂତ ସୁରେଶ ବାବାଙ୍କ ସମେତ ସାଧୁ ବିପିନ ଦାସ, ସାଧୁ ଉଦ୍ଧବ ଦାସ, ସାଧୁ ସଦାନନ୍ଦ ଦାସ, ସାଧୁ ଝସକେତନ ଦାସ, ସାଧୁ ଇନ୍ଦ୍ରମଣି ଦାସ, ସାଧୁ ବିଦୁର ଦାସ, ସାଧୁ କୁମୁଦ ଦାସ ପ୍ରମୁଖ ବ୍ରହ୍ମଯଜ୍ଞ ପରିଚାଳନା କରୁଛନ୍ତି। ଏହି ଅବସରରେ ବୈଦ୍ୟରାଜ ଭକ୍ତ ପବିତ୍ର ଶବର ଆଶ୍ରମର ନବ ନିର୍ମିତ ଧୂନି ମଣ୍ଡପର ଶୁଭ ଉଦଘାଟନ କରିଥିଲେ। ଏଥିରେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରା ସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠର ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ତ୍ୟାଗିଙ୍କ ସମେତ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ। ରବିବାର ସକାଳ ୮ ଘଣ୍ଟା କଳସ ଯାତ୍ରା, ସନ୍ଧ୍ୟା ୬ ଘଣ୍ଟା ବ୍ରହ୍ମଧୂନି ସ୍ଥାପନ ଓ ଯଜ୍ଞାରମ୍ଭ, ରାତ୍ର ୮.୩୦ ପ୍ରବଚନ, ଅହୋରାତ୍ର ନାମ ଭଜନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ସୋମବାର ବ୍ରାହ୍ମ ମୂହୁର୍ତ୍ତରେ ମହାପ୍ରସାଦ ଅର୍ପଣ, ଦିବା ୮ଘଣ୍ଟା ଭଜନ ଓ ପ୍ରବଚନ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳ ୮ ଘଣ୍ଟା ପୂର୍ଣ୍ଣାହୁତି ସହ ୨୦୨୫ ମହିମା ମେଳା କାର୍ଯ୍ୟକ୍ରମର ସମାପନ ହେବ ବୋଲି ସତ୍ୟ ମହିମା ଆଶ୍ରମ ପରବାଙ୍ଗିର ମଠାଧୀଶ ସାଧୁ ପ୍ରଭାକର ଦାସ ସୂଚନା ଦେଇଛନ୍ତି। ଏହି ମେଳାରେ ବ୍ରହ୍ମଯଜ୍ଞ ସହ ଚୁଡ଼ାକରଣ, ମୁଣ୍ଡନ, ସଂସ୍କାର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ମହିମା ଧର୍ମାବଲମ୍ବୀ ସିଦ୍ଧ, ସାଧୁ, ବୈରାଗୀ ଓ ୧୫ ଗୋଟି ଜିଲ୍ଲାରୁ ଭକ୍ତବୃନ୍ଦ ଯୋଗ ଦେଇଛନ୍ତି। ବ୍ରହ୍ମଯଜ୍ଞ ଓ ଭଜନ ଦେଖିବା ସହ ପ୍ରବଚନ ଶ୍ରବଣ କରିବାକୁ ପ୍ରବଳ ଜନସମାଗମ ହେଉଥିବା ଦେଖିବାକୁ ମିଳୁଛି।

## ଖପ୍ରାଖୋଲରେ ପ୍ୟାକ୍ସର ବାର୍ଷିକ ସମାବେଶ

# ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ନିୟନ୍ତ୍ରିତ ବଜାର ଉପକେନ୍ଦ୍ର ପରିସରରେ ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ବାର୍ଷିକ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଗୁଣମଣି ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ରୁପେ ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର୍ ନାଏକ, ସମ୍ମାନିତ ଅତିଥି ପରିଚାଳନା କମିଟି ସଦସ୍ୟ ମୋହନ ସୁନା, ନରେନ୍ଦ୍ର ଭୋଇ, ଗୋପାଳ ସାହୁ, ବବୃ ସାହୁ, ହରିହର ପ୍ରଧାନ, ସତ୍ୟାନନ୍ଦ ସେନ୍ଦ୍ରିଆ, ସାଗର ବରିହା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ ଆୟବ୍ୟୟ ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଖପ୍ରାଖୋଲ ଠାରେ ବଲାଙ୍ଗିର କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ଖୋଲିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ମୋହନ ସୁନା ପରିଚାଳନା କରିଥିବା ବେଳେ ସମ୍ପାଦକ ଶ୍ରୀପତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ

ଜୟପାଟଣା,(ସବ୍ୟୁ): ଏକ ଅନ୍ତରାଜ୍ୟ ଚୋରଗ୍ୟାଙ୍ଗକୁ ଗିରଫ କରିବା ସହ ଜଣେ ଚୋରି କରିଥିବା ସାମଗ୍ରୀ କିଣୁଥିବା ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି ଜୟପାଟଣା ପୋଲିସ। ସେମାନଙ୍କ ଠାରୁ ଏକ ପିକ୍ ଅପ ଭେନ, ନଗଦ ୪ ଲକ୍ଷ ୭୨ ହଜାର ଟଙ୍କା, ୱେଟ ମେସିନ ଓ ଲୁହା କଟର ଜବତ କରାଯାଇଛି

କଳାହାଣ୍ଡି ଜିଲ୍ଲା ସମେତ ପଡୋଶୀ ବଲାଙ୍ଗିର, ନୂଆପଡା ଜିଲ୍ଲାରେ ଉତ୍ପାତ ମଚାଉଥିଲେ ଏହି ୧୦ଜଣିଆ ଚୋର ଗ୍ୟାଙ୍ଗ। ଏହି ତିନୋଟି ଜିଲ୍ଲାର ୧୧ଟି ଥାନାରେ ଚୋର ମାନଙ୍କ ନାଁରେ ମାମଲା ରୁଜୁ ହୋଇଛି । ସୂଚନା ଯୋଗ୍ୟ ଯେ ଗତ ୧୧ ତାରିଖ ବିଳମ୍ବିତ ରାତିରେ ଜୟପାଟଣା ଥାନା ଅନ୍ତର୍ଗତ ବାନେର ଦେଶୀମଦ ଭାଟିରେ ଚୋରି ହୋଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଥିଲା।ଏଥିରେ ପ୍ରାୟ ୯ ଜଣ ଦୁର୍ବୃର୍ତ୍ତ ଆସି କଟର ସାହାଯ୍ୟରେ ଭାଟିର ସାମଗ୍ରୀ ଚୋରି କରି ନେଇଥିବା ସିସିଟିଭିରେ ଜଣାପଡିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଜଣା ପଡ଼ିଥିଲା ଯେ ଉକ୍ତ ଗ୍ୟାଙ୍ଗ ୩ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ଚୋରିରେ କରିବା ସହ ଏକ ଦଲାଲକୁ ଚୋରି ସାମଗ୍ରୀ ବିକ୍ରି କରୁଥିଲେ। ଦଲାଲ ଚୋରି ସାମଗ୍ରୀକୁ ସୀମାନ୍ତ ରାଜ୍ୟ ଛତିଶଗଡ଼ରେ ବିକ୍ରି କରୁଥିଲା। ଚୋର ମାନଙ୍କ ବହୁ ସଂଖ୍ୟକ ଯାଯାବର ଅଟନ୍ତି। ଏମାନେ ଦିନ ବେଳେ ପ୍ଲାଷ୍ଟିକ, କାଚ ସଂଗହ ଆଳରେ ବିଭିନ୍ନ ସ୍ଥାନକୁ ଯିବା ଆସିବା କରି ଚୋରିର ଯୋଜନା ପ୍ରସ୍ତୁତ କରିବା ସହ ରାତିରେ ଚୋରି କରୁଥିଲେ । ଜୟପାଟଣା ପୋଲିସ କେଶ ନମ୍ବର ୫୪/୨୦୨୫ ଅନୁଯାୟୀ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଅଙ୍ଗନୱାଡି କର୍ମୀଙ୍କ ତାଲିମ ଶିବିର

ତରଭା,(ସବ୍ୟୁ): ତରଭା ସାମ୍ମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅଙ୍ଗନୱାଡି କର୍ମୀଙ୍କ ୩ ଦିନିଆ ତାଲିମ ଶିବିର ସମାପ୍ତ ହୋଇଛି । ଦୁଇଟି ପର୍ଯ୍ୟାୟରେ ୨୦୦ଜଣ ଅଙ୍ଗନୱାଡି କର୍ମି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୧୦୦ ଜଣ ଅଙ୍ଗନୱାଡି କର୍ମୀ ଏହି ତାଲିମ ଗ୍ରହଣ କରିଥିଲେ । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସବିତା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପୋଷଣ ସଂଯୋଜକ ସଂଜୀବ କୁମାର ମିଶ୍ର ଯୋଗ ଦେଇଥିଲେ । ଜିଲ୍ଲା ପୋଷଣ ସଂଯୋଜକ ସଂଜୀବ ମିଶ୍ର, ବ୍ଲକ ସଂଯୋଜକ ମହେଶ ମେହେର ପ୍ରମୁଖ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଏଥିରେ ପୋଷଣ ଭି, ପଢାଇଭି ତାଲିମ ପ୍ରଦାନ କରାଯାଉଛି । ପରିଦର୍ଶିକା ସ୍ରୋତସିନି ନାଗ ଓ ସୁନନ୍ଦା ମିଶ୍ର କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏଥିରେ ପୋଷଣ ବ୍ଲକ ସଂଯୋଜକ ମହେଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥୁବା ବେଳେ ପରିଦର୍ଶିକା ସୁକାନ୍ତି ମିଶ୍ର, ବିଳାସିନୀ ଧରୁଆ, ସପୁର ନାଗ, ଶ୍ୟାମଲା ତାଣ୍ଡି, ସନ୍ତୋଷିନୀ ବେହେରା, ଭାଗ୍ୟସିନୀ ସେଠୀ, ଶିଶୁ ବିକାଶ ପ୍ରକଳ୍ପର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ସି ଡି ପି ଓ ଶ୍ରୀମତୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଡୁଙ୍ଗୁରିପାଲି ବାର୍ ଆସୋସିଏସନ ନିର୍ବାଚନ

ଡୁଙ୍ଗୁରିପାଲି,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବାର ଏସୋସିଏସନର ନିର୍ବାଚନ ଫଳାଫଳ ଘୋଷଣା ହୋଇଯାଇଛି । ସଭାପତି ଭାବେ ବିଜୟୀ ହୋଇଛନ୍ତି ସୁବାସ ଚନ୍ଦ୍ର ଭୋଇ । ଅନ୍ୟ ପଦବୀ ଗୁଡିକରେ ନିର୍ଦ୍ୱନ୍ଦରେ ମନୋନୀତ ହୋଇଛନ୍ତି । ଉପସଭାପତି ଭାବେ ଜଗନ୍ନାଥ ମିଶ୍ର ,ସଂପାଦକ ମିତ୍ରେନ୍ଦ୍ର ଅବିନାଶ ଗୌତମ, ସହ ସଂପାଦକ ହରେକୃଷ୍ଣ ବେହେରା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଓକିଲ ଜୟ ପ୍ରକାଶ ନନ୍ଦ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବା ବେଳେ ଓକିଲ ଖଗେଶ୍ବର ପାଲ ସହଯୋଗ କରିଥିଲେ ।

# ଟିଟିଲାଗଡ଼ ବାର୍ ସଂଘ ନିର୍ବାଚନ

ଟିଟିଲାଗଡ଼,(ସବ୍ୟୁ): ଟିଟିଲାଗଡ଼ ବାର ସଂଘର ନିର୍ବାଚନ ସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି । ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଚଳିତ ଥର ଦ୍ୱିମୁଖୀ ପ୍ରତିଦ୍ୱନ୍ଦୀତାରେ ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ମହେଶ ମହାନ୍ତି ତ୍ରିମୁଖୀ ପ୍ରତିଦ୍ୱନ୍ଦୀତାରେ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ନିର୍ବାଚନରେ ପ୍ରୀତମ ରଞ୍ଜନ ପଣ୍ଡା ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ମକରଧ୍ୱଜ ବାଗ, କୋଷାଧକ୍ଷ ପୃଥ୍ୱୀରାଜ ସିଂ ତଥା କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ନାୟକ, ଅରବିନ୍ଦ ଲାଲ ମେହେତୋ, ଦେବେନ୍ଦ୍ର ମିଶ୍ର, କାଳି ପ୍ରସାଦ ମୁଖାର୍ଜୀ, କମ୍ବୁପାଣି ପାଢ଼ୀ, ଲଳିତ ମୋହନ ତାଣ୍ଡି, ମୋହନଲାଲ ଜୈନ, ପ୍ରଦୀପ ମହାନ୍ତି, ପ୍ରିତମ ନାଗ, ରଘୁନାଥ ରଥ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କିଶୋର ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ସହ ନିର୍ବାଚନ ଅଧିକାରୀ ଆଇନଜୀବୀ ପ୍ରଫୁଲ୍ଲ ବିଶି, କାର୍ତ୍ତିକେଶ୍ୱର ମାଝୀ, ସୁଧାଂଶୁ ଶେଖର ମହାନ୍ତି, ବାର କର୍ମଚାରୀ କିଶୋର ରତେଇ, ଶୁକଦେବ ପ୍ରଧାନୀ ପ୍ରମୁଖ ସହାୟତା କରିଥିଲେ ।

# ରାତ୍ରିକାଳୀନ ସାର୍କିଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବଡ଼ ପହିଲପାର ଅଞ୍ଚଳର ଟିପିଗୁଡା ଠାରେ ଅନୁଷ୍ଠିତ ହୋଇଥିବା ରାତ୍ରିକାଳୀନ ସାର୍କିଲ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ସିଦ୍ଧି ବିନାୟକ ଯୁବକ ସଂଘ ତରଫରୁ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ସତ୍ୟ ଚମ୍ପିୟାନ ଓ ପଟ୍ଟନାୟକ ପାନ୍ଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପଟ୍ଟନାୟକ ପାନ୍ଥର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୬ ରନ କରିଥିଲା ।ଏହାର ଜବାବରେ ସତ୍ୟ ଚାମ୍ପିୟାନ ୮. ୫ ବଲରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜେତା ଦଳକୁ ୭୦୦୦ ଓ ଉପବିଜେତା ଦଳକୁ ୫୦୦୦ ଟଙ୍କା ସହିତ ମାନପତ୍ର,ଟ୍ରଫି ଓ ମେଡାଲ ପୁରସ୍କୃତ କରାଯାଇ ଥିବାବେଳେ ସତ୍ୟ ଚାମ୍ପିୟାନର ସରୋଜ ନାଏକଙ୍କୁ ଉଚ୍ଚ ମାନର ଖେଳପାଇଁ ପ୍ଲେଆର ଅଫ ଦି ଫାଇନାଲ ଓ ସିରିଜ, ଶ୍ରେଷ୍ଠ ବୋଲର ଦ୍ରୋଣ ପୁଞ୍ଜି, ଶ୍ରେଷ୍ଠ ଉଇକେଟ କିପର ମୁକ୍ତେ ନାଏକ, ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ଓମ ଭୋଇ, ଶ୍ରେଷ୍ଠ ଉଇକେଟ ଟେକର ଭାବେ ଶିବୁ ନାଏକଙ୍କୁ ଟ୍ରଫି ଓ ମାନପତ୍ର ଦେଇଥିଲେ । ସଂଘ ସଭାପତି ହାତୀରାମ ଦୁର୍ଗା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବକ ମାନଙ୍କ ଏଭଳି ନିଆରା ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବାସହ ଆଗାମୀ ଦିନରେ ଟିପିଗୁଡା ପଞ୍ଚାୟତର ଯୁବ ପ୍ରତିଭାମାନ ଖେଳାଳି ମାନଙ୍କୁ ନେଇ ଏକ ଶ୍ରେଷ୍ଠ କ୍ରିକେଟ ଦଳ ଗଠନ କରି ଏ ଅଞ୍ଚଳର ଖେଳାଳି ମାନେ କିଭଳି ଜିଲ୍ଲା ତଥା ରାଜ୍ୟ ସ୍ତରରେ ଖେଳିପାରିବେ ସେଥିପାଇଁ ଚେଷ୍ଟା କରାଯିବ ବୋଲି ପ୍ରକାଶ କରିଥିବାବେଳେ ସମ୍ମାନୀୟ ଅତିଥିଭାବେ ଚନ୍ଦ୍ର ବାଗ, ଟିପିଗୁଡା ଗୌନ୍ତିଆ ବନ୍ଦକୁମର ନାଏକ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସନ୍ତୋଷ କୁମାର ଦୁର୍ଗା, ସାମ୍ବାଦିକ କୃଷ୍ଣଦାସ ନାଏକ, ତୁଳାରାମ ଦୁର୍ଗା, ଶିକ୍ଷକ ପ୍ରମୋଦ ନାଏକ, ଅବିନାଶ ଦୁର୍ଗା ମଞ୍ଚାସିନ ଥିଲେ ୯ ଉଭୟ ଅମ୍ପିଆର ବ୍ରହ୍ମା ସେନାପତି ଓ ଟଙ୍କ ବିହାର ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ରୁପି ନାଏକ ଓ ଅଜୟ ନାଏକ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁରରେ ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ଉଗାଦି ପାଳିତ



ସୋନପୁର,(ସବ୍ୟୁ): ଭାରତୀୟ ସଂସ୍କୃତି ଓ ସଭ୍ୟତା ତଥା ଜାତୀୟତାକୁ ଜୀବନ୍ତ କରି ରଖିଥିବା ତେଲଗୁ ସମ୍ପ୍ରଦାୟ ପକ୍ଷରୁ ତେଲଗୁ ନବବର୍ଷ ଉଗାଦି ସୁବର୍ଣ୍ଣପୁର ଜିଲ୍ଲାରେ ପାଳିତ ହୋଇଯାଇଛି । ସ୍ଥାନୀୟ ଢେରାପଡା ଠାରେ ରହିଥିବା ତେଲୁଗୁ ଦେବାଙ୍ଗ (ଢେରା) ସଂପ୍ରଦାୟର ଆବାଳବୃଦ୍ଧ ବନିତାଙ୍କ ଦ୍ୱାରା ଏହାକୁ ପାଳନ କରାଯାଇ ଦେଶ ତଥା ମାନବ ଜାତିର ମଙ୍ଗଳ ପାଇଁ ସଂକଳ୍ପ ନିଆଯାଇଥିଲା । ଏହି ଅବସରରେ ବିଭିନ୍ନ ପର୍ଯ୍ୟାୟରେ ଡ୍ରଇଂ, ରଙ୍ଗୋଲି, ମ୍ୟୁଜିକ୍ ଚେୟାର ଓ ନୃତ୍ୟ ପ୍ରତିଯୋଗିତା ତଥା ବୌଦ୍ଧିକ ଆଲୋଚନାଚକ୍ର ସହ ବିଚାର ବିମର୍ଷ କରାଯାଇଥିଲା ।ସମାବେଶରେ ବୁଢ଼ିମା ଯୁବକ ସଂଘ ସଭାପତି ଦିଲ୍ଲୀପ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ.ସୋମ୍ୟରୂପା ରଥ ଯୋଗଦେଇ ତେଲୁଗୁ ନବବର୍ଷ ଉଗାଦି ପାଳନ ଏକ ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ସୂଚାଇଥାଏ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ଡ. ଆର୍ତ୍ତତ୍ରାଣ ବାବୁ ଓ ବରିଷ୍ଠ ଆଇନଜୀବୀ ପ୍ରଦୀପ ପୁରୋହିତ ଯୋଗଦେଇ ସୁବର୍ଣ୍ଣପୁରର ରୋପଡାରେ ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ ଉଗାଦୀ ପର୍ବ ପାଳନ ପାଇଁ ଯେଉଁ ଉତ୍ସାହର ସହ ମହିଳା ଓ ପୁରୁଷଙ୍କ ସଂପୃକ୍ତି ରହିଛି ତାହା ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଜୟ ପାତ୍ର, ବି. ସତ୍ୟ ନାରାୟଣ ରାଓ,ଶ୍ୟାମ ସୁନ୍ଦର ପାତ୍ର ଓ ଅରକ୍ଷିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ନୂଆପଡା ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାରେ ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷିତ ଅନ୍ତ୍ୟୋଦୟ ଗୃହ ଯୋଜନା ଆଜି ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ସଦର ମହକୁମା ସ୍ଥିତ ପୋଲିସ ପଡିଆରେ ଏକ ସଭାର ଆୟୋଜନ କରାଯାଇସିଧା ପ୍ରସାରଣ ଆଭାସି ମାଧ୍ୟମରେ ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭିମସେନ ଶବର, ଜିଲାମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ବ୍ଲକ ଉପାଧକ୍ଷ ଦିଲ୍ଲୀପ କୁମାର ନିର୍ମଲକର, ଜିଲାପରିଷଦ ସଦସ୍ୟ ଉମାଠାକୁର, ଭାନୁପ୍ରତାପ ସିଂ ମାଝି, ଭରତଲାଲ ରାଉତ, ଅବନୀ ରଞ୍ଜନ ଯୋଷୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଭାରେ ୧୦ଜଣ ହିତାଧିକାରୀଙ୍କୁ ଜିଲ୍ଲାପାଳ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଜିଲାର ବିଭିନ୍ନ ବ୍ଲକ୍ ରେ ଆଜି ୩୪୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ସଦର ବ୍ଲକରେ ୫୧ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ସମସ୍ତ ଜିଲ୍ଲାସ୍ତରିୟ ଅଧିକାରୀଗଣ ଓ ବିଭିନ୍ନ ବିଭାଗ ଅଧିକାରୀ , ଗଣମାଧମର ପ୍ରତିନିଧି ଉପସ୍ଥିତ ଥିଲେ ।

## ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣା

# ପୁରୁଷ ବନ୍ଧୁ ପ୍ରୀତିମାନ ଗିରଫ

ସମ୍ବଲପୁର, (ସବ୍ୟୁ): ଭିସୁଟ୍ ବି.ଟେକ୍ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତ୍ୟୁ ଘଟଣାରେ ତାଙ୍କ ପୁରୁଷ ବନ୍ଧୁ ପ୍ରୀତିମାନ ଦେଙ୍କୁ ବୁର୍ଲା ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତକୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮, ୨୦୨୩ରେ ଭିସୁଟ୍‌ର ସମାବର୍ତ୍ତନ ଉତ୍ସବରେ ଚିନ୍ମୟୀ ଯୋଗ ଦେବାକୁ ଆସିଥିଲେ । ଉତ୍ସବ ପରେ ସେ ତାଙ୍କ ପୁରୁଷ ବନ୍ଧୁ ପ୍ରୀତିମାନ ସହ ବୁର୍ଲା ପାୱାର ଚେନାଲ ବ୍ରିଜକୁ ବୁଲିବାକୁ ଯାଇଥିଲେ । କିଛି ସମୟ ପରେ ଚିନ୍ମୟୀ ପାଣିରେ ପଡି ମୃତ୍ୟୁବରଣ କରିଥିଲେ । ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମୃତକଙ୍କ ମା' ଲବଙ୍ଗଲତା ସାହୁ ଥାନାରେ ଅଭିଯୋଗ କରିଥିଲେ । ଏନେଇ ବୁର୍ଲା ଥାନାରେ ୯୬/୨୩ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରିଥିଲା । ତଦନ୍ତ ବେଳେ ପାଣିରେ ବୁଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଥିଲା । ମୃତକଙ୍କ ମାଆ ଏନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲା କ୍ରାଇମବ୍ରାଞ୍ଚକୁ ଦେବା ପାଇଁ ଅନୁରୋଧ କରିଥିଲେ । ହାଇକୋର୍ଟ ଏହି ମାମଲାର ବିଚାର କରି ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କୁ ୨ସପ୍ତାହ ମଧ୍ୟରେ ଏହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ବେଳେ ମୃତକକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟ ଆଧାରରେ ହାଇକୋର୍ଟ ଏହି ପୁରୁଷ ବନ୍ଧୁକୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟର ନିର୍ଦ୍ଦେଶ ମୁତାବକ ଅଭିଯୁକ୍ତ ପ୍ରୀତିମାନଙ୍କୁ ପୋଲିସ ଗିରଫ କରିଛି ।

## ପିଏମ୍ ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

# ସକାରାତ୍ମକ ଭାବନା ସଫଳତା ଆଣେ




ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ପିଏମ୍ ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ,ମୁଖ୍ୟବକ୍ତା ବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ,ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର,ପୁଇଁତଳା ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା,ସ୍କୁଲ ପରିଚାଳନା କମିଟୀ ସଭାପତି ବସନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ନାଗ ନିଜ ବକ୍ତବ୍ୟରେ ସକାରାତ୍ମକ ଭାବନା ସଫଳତା ଆଣେ ବୋଲି କହିବା ସହ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ବାର୍ଷିକୋତ୍ସବ ପାଳନ ମାଧମରେ ପରିସ୍ଫୁଟିତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଶ୍ରୀ ପୁରୋହିତ ନିଜ ବକ୍ତବ୍ୟ ରେ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ଭାବେ ରହିଥିବା ପ୍ରତିଭାର ପରିପ୍ରକାଶ ଘଟି ଶୈକ୍ଷିକ ଓ ସହଶୈକ୍ଷିକ ଦିଗ ଗୁଡିକ ବିକଶିତ ହେଉଥିବା ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଶ୍ରୀ ମେହେର ପିଏମ୍ ଶ୍ରୀ ସ୍କୁଲର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିବା ସହ ଚରିତ୍ର ନିର୍ମାଣ ଦିଗରେ ଥିବା ଶିଶୁର ପ୍ରବୃତ୍ତି ଗୁଡିକ ବୁଝି ତାହାକୁ ବାସ୍ତବ ଜୀବନରେ କ୍ରିୟାଶୀଳ କରିବାକୁ ଶିକ୍ଷକ ଓ ଅଭିଭାବକ ମାନଙ୍କୁ ସଚେତନ ହେବାକୁ ପଡିବ ବୋଲି କହିଥିଲେ। ପୁଇଁତଳା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସୁନା ଛାତ୍ର ଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ ବାପା ମାଁ ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସ୍କୁଲ ପରିଚାଳନା ସଭାପତି ଶ୍ରୀ ସ୍ୱାଇଁ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଖୁବ ମନୋରମ ବୋଲି କହିବା ସହ ଏହି ଅନୁଷ୍ଠାନର ବିକାଶ ପାଇଁ ସମସ୍ତ ଅଭିଭାବକ ଯୋଡି ହୁଅନ୍ତୁ ବୋଲି କହିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷକ ବିକାଶ ସାହୁ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ। ଏହି ଅବସରରେ ଦ୍ୱିତୀୟ ସମାପ୍ତି ସୂଚକ ଆକଳନରେ ପ୍ରଥମ ହୋଇଥିବା ଛାତ୍ରଙ୍କ ସମେତ ପୂର୍ବରୁ ଆୟୋଜିତ ନୃତ୍ୟ,କୁଇଜ,ପ୍ରବନ୍ଧ ଓ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ର ନୈତିକ ଦାସ ଓ ଶୁଭମ ପଣ୍ଡାଙ୍କ ଦ୍ୱାରା ମଞ୍ଚ ସଂଚାଳନ ମାଧ୍ୟମରେ ଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ,ଶିକ୍ଷୟିତ୍ରୀ ,ଶିକ୍ଷା କର୍ମଚାରୀ,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କ ପ୍ରତ୍ୟକ୍ଷ ସହଯୋଗ ଦ୍ୱାରା ଏହି ବାର୍ଷିକୋତ୍ସବ ଧୂମ୍ ଧାମ ସହକାରେ ପାଳିତ ହୋଇଥିଲା।

# ସାମ୍ବାଦିକମାନେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଆରୋହୀଙ୍କୁ ଉଦ୍ଧାର କଲେ



ମୁରିବାହାଲ,(ସବ୍ୟୁ): ଦୁର୍ଘଟଣାରେ ଗୁରୁତରଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନାକୁ ପଠାଇଥିଲେ ସାମ୍ବାଦିକମାନେ । ବଲାଙ୍ଗିର ଜିଲ୍ଲା ମୁରିବାହାଲ-ହଳଦୀ ରାସ୍ତାର ଯମୁନା ଗାଁ ବୁଲାଣିଠାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇପଡ଼ିଥିଲେ । ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ । ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ଗାଁର ଶତ୍ରୁଘ୍ନ ବେହେରା ନିଜର ଜଣେ ସମ୍ପର୍କୀୟା ମହିଳାଙ୍କ ସହ କୌଣସି କାମରେ ମୁରିବାହାଲ ଯାଇ ଘରକୁ ଫେରୁଥିବା ବେଳେ ଯମୁନା ଗାଁ ବୁଲାଣିଠାରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ । ଏହି ସମୟରେ ହଳଦୀ ଅଞ୍ଚଳରୁ ଖବର ସଂଗ୍ରହ କରି ଫେରୁଥିବା ବେଳେ ସାମ୍ବାଦିକ ଦୀପକ ଦାସ ଯାଦବ, ରଶ୍ମିରଞ୍ଜନ ପୁଟେଲ, ହୁଲେଶ୍ୱର ହଂସ ଓ ପୁଷ୍ପକେତୁ ବେହେରା ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଡାକି ଡ଼ାକ୍ତରଖାନା ପଠାଇବାର ବ୍ୟବସ୍ଥା କରିଥିଲେ । ତେବେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ରକ୍ତସ୍ରାବ ମଧ ହେଉଥିଲା। ତାଙ୍କ ସହ ଥିବା ମହିଳା ମଧ ଆହତ ହୋଇଥିଲେ।

# ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ରାଜର୍ଷି ରାଜେନ୍ଦ୍ର ନାରାୟଣ



ବଲାଙ୍ଗିର, (ସବ୍ୟୁ): ବଂଶ ପରମ୍ପରାରେ ନୁହେଁ ,ବରଂ ଆପଣାର ବ୍ୟକ୍ତିତ୍ୱ ବଳରେ ସେ ହୋଇଥିଲେ ମହାରାଜା। କୋଟି ହୃଦୟର ମଣିଷ ଭାବରେ ସେ ପ୍ରଜାଙ୍କ ଧର୍ମକୁ ଧାରଣ କରିଥିଲେ। କେବଳ ବଲାଙ୍ଗିର ନୁହେଁ ସମଗ୍ର ଓଡିଶାର ତଥା ଭାରତୀୟ ରାଜନୀତିରେ ସେ ଥିଲେ ଅଜାତଶତ୍ରୁ । ତାଙ୍କ ପଦାଙ୍କ ଅନୁସରଣ କରି ନିଜ ଅଂଚଳର ବିକାଶରେ ବ୍ରତୀ ହେବା ପାଇଁ ଆହ୍ୱାନ ଦିଆଯାଇଛି । ବଲାଙ୍ଗୀର ରାଜେନ୍ଦ୍ର ପାର୍କ ଠାରେ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ପାଟଣା ମହାରାଜା ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୩ ତମ ଜୟନ୍ତୀ ସମାରୋହରେ। ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ଅତିଥି ଭାବରେ ଯୋଗ ଦେଇଥିଲେ ମହାରାଜାଙ୍କ ପୁତ୍ର ପୂର୍ବତନ ମନ୍ତ୍ରୀ ତଥା ଅନଙ୍ଗ ଉଦୟ ସିଂହଦେଓ।ପୌର ପରିଷଦ ଅଧ୍ୟକ୍ଷା ଲିଜା ସାହୁ,ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏହି ଅବସର ରେ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ପୂର୍ବତନ ଅଧ୍ୟକ୍ଷା ଦମୟନ୍ତୀ ବାଗ, ଓଁକାର ନାୟକ, ନରସିଂହ ବାଗ, ଧ୍ରୁବ ୟୁଏଡ, କୈଳାଶ ଚନ୍ଦ୍ର ମହାନ୍ତି, ଲକ୍ଷ୍ମଣ ମେହେର, ଭଗବାନ ବରଡ଼ା ,ଅସୀମ ପଟ୍ଟନାୟକ, ପ୍ରଭାସ ପାଣିଗ୍ରାହୀ,ରାଜେନ୍ଦ୍ର ହୋତା,ମହେନ୍ଦ୍ର ବାଗ, ସମ୍ଭୁ ନାଗ,ଶତ୍ରୁଘ୍ନ ବାଗ,କିଶୋର କୁମାର, ଗଙ୍ଗା ଚାନ୍ଦ, ସଚିନ ନନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ବିଜୁ ଭୂଷଣ ତ୍ରିପାଠୀ, ଜିତେନ୍ଦ୍ର ମିଶ୍ର, ସୁମନ ନନ୍ଦ, ଜୟରାମ ମିଶ୍ର, ଶାନ୍ତନୁ ଭୋଇ, ନିହାର ରଞ୍ଜନ ସ୍ୱାଇଁ, ସାଗର ସଙ୍ଗମ ଶତପଥୀ,ରମେଶ ବେହେରା, ପିଙ୍କୁ ପ୍ରଧାନ,ସନ୍ତୋଷ ଦନ୍ତା, ସତ୍ୟ ଭୋଇ,ଗ୍ଲେଷ୍ଟନ ତାଣ୍ଡି ,ବାଲାଜୀ ପଣ୍ଡା ପ୍ରମୁଖ । ରାଜେନ୍ଦ୍ର ପାର୍କ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମୁରିବାହାଲ ବ୍ଲକସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଉଦ୍‌ଘାଟନ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶାଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର ଆଭାଷୀ ମାଧ୍ୟମରେ ରବିବାର ଶୁଭାରମ୍ଭ ହୋଇଯାଇଛି ବ୍ଲକ ବିଡ଼ିଓ ବାସନ୍ତୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର,ସାଂସଦ ପ୍ରତିନିଧି ଶ୍ରୀବସ୍ତ ବେହେରା,ସିଡିପିଓ ପୂର୍ଣ୍ଣମା ବୈଠାରୁ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ବାଗ ମୁଖ୍ୟମନ୍ତ୍ରୀଙ୍କ ନୂତନ ଯୋଜନା ଅନ୍ତ୍ୟୋଦୟ ଗୃହ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ମୁରିବାହାଲ ବ୍ଲକର ମୋଟ ୨୨ଟି ପଞ୍ଚାୟତର ୩୩୦ ଜଣ ହିତାଧିକାରୀଙ୍କ ଆବାସ ଗୃହ ମଞ୍ଜୁର ହୋଇଥିବାବେଳେ ରବିବାର ୨୦୫ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆକାଉଣ୍ଟ ଅଫିସର ଘେନୁରାମ ତାଣ୍ଡି, ଏଇଇ ଅବିନାଶ ମୁଦି,ଜିପିଇଓ ଗଙ୍ଗାଧର ଛତର,ସେକ୍ସନ ଅଫିସର ରାଜେନ୍ଦ୍ର ନାୟକ,ପିଏ ରାଜସିଂ ବାବୁ,ସମସ୍ତ ସରପଞ୍ଚ, ସମିତି ସଭ୍ୟ,ପିଇଓ,ଏଡିଇଓ,ଏମବିକେ, ସିଆରପି ପ୍ରମୁଖ ସାମିଲ ହୋଇଥିଲେ। ବିପିଏମ ଡ଼ଃ ଗୋପାଳ କୃଷ୍ଣ ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିପିସି ରବୀନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ରେଳ ଡିଭିଜନର ପଣ୍ୟ ପରିବହନରେ ୧୬.୧୦ ପ୍ରତିଶତ ଅଭିବୃଦ୍ଧି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ଡିଭିଜନ ମାଲ ପରିବହନ ଏବଂ ଯାତ୍ରୀ ସେବା କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଗତ ଶୁକ୍ରବାର ସୁଦ୍ଧା ରେଳ ଡିଭିଜନ ୨୨.୫୭୩ ମିଲିୟନ୍ ଟନ୍ ଲୋଡିଂ ଲକ୍ଷ୍ୟକୁ ଅତିକ୍ରମ କରିଛି । ଡିଭିଜନ ପକ୍ଷରୁ ଗତ ବର୍ଷ ତୁଳନାରେ ରେକର୍ଡ ୧୬.୧୦ ପ୍ରତିଶତ ଏବଂ ଏନ୍‌ଟିକେଏମ୍‌ରେ ୨୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବା ଜଣାପଡିଛି । ମାଲ୍ ପରିବହନ ରାଜସ୍ୱରେ ୨୮.୦୬ ପ୍ରତିଶତ ବୃଦ୍ଧି ହୋଇଛି । ଗତ ବର୍ଷ ଏହି ପରିମାଣ ୨୧୯୩ କୋଟି ଟଙ୍କା ଥିବାବେଳେ ଚଳିତବର୍ଷ ୨୮୯୦ କୋଟି ଟଙ୍କାରେ ପହଞ୍ଚିଛି। ଅନ୍‌ଲୋଡ଼ିଂ କ୍ଷେତ୍ରରେ ୯.୫ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇ ୩୯.୩ ମିଲିୟନ୍ ଟନ୍ ଅନ୍‌ଲୋଡିଂ କାର୍ଯ୍ୟ ହୋଇଛି। ଏହା ସହିତ ୬୧.୮୭ ମିଲିୟନ୍ ଟନ୍ ପରିବହନ ପରିଚାଳନା କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ରାୟପୁର ଓ ବିଳାସପୁର ଡିଭିଜନ ପଏଣ୍ଟରେ ସର୍ବୋତ୍ତମ ଇଣ୍ଟରଚେଞ୍ଜ ସହିତ ପ୍ରତ୍ୟହ ୨୦୨ ଟ୍ରେନ୍ ପରିଚାଳନା କରାଯାଇଛି । ଗତ ବର୍ଷ ଏହା ୧୯୨ ଥିଲା । ସମ୍ବଲପୁର ରେଳ ଡିଭିଜନ ତୃତୀୟ ଲାଇନ୍ ଓ ନୂତନ ଲାଇନ୍ ପାଇଁ ୧୨୮ ଟ୍ରେକ୍ କିଲୋମିଟର ସଂଯୋଗ କରିଛି ଯାହାକି ୧୦ ବର୍ଷ ମଧ୍ୟରେ ସର୍ବାଧିକ ଅଟେ । ଡିଭିଜନର ଏହି ଉପଲବ୍ଧି ପାଇଁ ଡିଆରଏମ୍ ତୁଷାକାନ୍ତ ପାଣ୍ଡେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସୁରକ୍ଷାରେ ଶ୍ରୀରାମଙ୍କ ଭବ୍ୟ ରଥ କରିବ ପରିକ୍ରମା




ସମ୍ବଲପୁର, (ସବ୍ୟୁ): ଚଳିତବର୍ଷ ସମ୍ବଲପୁର ସହରରେ ରାମ ନବମୀ ଭବ୍ୟଦିବ୍ୟ ଭାବେ ପାଳନ କରାଯିବ । ଏହି ଦିନ ଅର୍ଥାତ୍ ଏପ୍ରିଲ ୬ରେ ଏକ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିବ । ପ୍ରଥମେ ଫାର୍ମରୋଡ ସ୍ଥିତ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା ପରେ ସହରର ପ୍ରତ୍ୟେକ ପଡାରୁ ଆସିଥିବା ଶୋଭାଯାତ୍ରା ମୁଖ୍ୟ ଶୋଭାଯାତ୍ରା ସହ କ୍ଷେତରାଜପୁର ରେଳ ଷ୍ଟେସନରୁ ବାହାରିବ । ଏସବୁ ଶୋଭାଯାତ୍ରା ନିର୍ଦ୍ଦିଷ୍ଟ ପଥରେ ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ସୋମବାର ହୋଟେଲ ସିଲା ଟାୱାର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ଜନ୍ମୋତ୍ସବ ସମିତି ସଭାପତି ପ୍ରଦୀପ ବହିଦାର ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଶୋଭାଯାତ୍ରା ସହ ସାଂସ୍କୃତିକ ଓ ଧାର୍ମିକ ଝଲକ ଦେଖିବାକୁ ମିଳିବ । ବିଭିନ୍ନ ମେଢ ମଧ୍ୟ ଯାତ୍ରାରେ ସାମିଲ ହେବ । ଏପରିକି ନାଗା ବାବା ମାନେ ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଭାରତୀୟ ଅବସରପ୍ରାପ୍ତ ସେନା ଅଧିକାରୀ ମାନେ ନିଜ ୟୁନିଫର୍ମ ପିନ୍ଧି ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ରଥର ସୁରକ୍ଷା କରିବେ । ଯାହାକି ଚଳିତବର୍ଷର ମୁଖ୍ୟ ଆକର୍ଷଣ ଅଟେ । ଯାହାକି ଐତିହାସିକ ଅଟେ । ଏହି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, ଅମର ମିଶ୍ର, ଶିବ କୁମାର ଅଗ୍ରୱାଲ ଓ କାର୍ତ୍ତିକ ବହିଦାର, ଉପସଭାପତି ଦେବାଶିଷ ପୁରୋହିତ ଏବଂ ସାଧାରଣ ସମ୍ପାଦକ ସରୋଜ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ବାରହା ଆକ୍ରମଣରେ ମହିଳା ଗୁରୁତର

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ବନାଞ୍ଚଳ ଅନ୍ତର୍ଗତ ଠକପାଲି ଗ୍ରାମର ଜନୈକ ମହିଳା ବାରହା ଆକ୍ରମଣରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ସେଥି ଶବର ନାମ୍ନୀ ମହିଳା ଜଣକ ଭୋର ସକାଳ ବେଳେ ଗାଁ ଉପକଣ୍ଠ ପୋଖରୀ କୁ ନିତ୍ୟ କର୍ମ ପାଇଁ ଯାଇଥିବା ବେଳେ ସୀମାନ୍ତବର୍ତ୍ତୀ ବଲାଙ୍ଗିର ଜିଲ୍ଲା ଜଙ୍ଗଲ ପଟୁ ଏକ ବଣ୍ଡା ଅଣ୍ଡିରା ବାରହା ଆସି ଆକ୍ରମଣ କରିଥିଲା। ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଥିଲେ। ନିକଟରେ ଥିବା କିଛି ଗ୍ରାମବାସୀ ବାରହା ଟିକୁ ଘଉଡ଼େଇ ଦେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସେଥିଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଓ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ କୋମନା ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୁତାର, ବନପାଳ ସମୀର ଠାକୁର, ଗୋପାଳ ମହାନନ୍ଦ ନୂଆପଡା ଚିକିତ୍ସାଳୟକୁ ଯାଇ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ଏହା ସହିତ ନିୟମାନୁଯାୟୀ ସରକାରୀ ସହାୟତା ଯୋଗେଇ ଦେବାକୁ ପ୍ରତିଶୃତି ପ୍ରଦାନ କରିଥିଲେ। ଅପରପକ୍ଷେ ଫେରନ୍ତା ବାଟରେ ଉକ୍ତ ବାରହା ସୀମାନ୍ତବର୍ତ୍ତୀ ବଲାଙ୍ଗୀର ଜିଲ୍ଲାର ଚାଉଳଡ଼ିହି ଗ୍ରାମର ରାଜୁ (୧୫)ନାମକ ଦଶମ ଶ୍ରେଣୀ ଛାତ୍ରକୁ ଆକ୍ରମଣ କରିବାରୁ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

# କୋରାପୁଟ ଷ୍ଟେସନରେ ୩୦ କେଜି ଗଞ୍ଜେଇ ଜବତ ,୩ ଗିରଫ

କୋରାପୁଟ,(ସବ୍ୟୁ): କୋରାପୁଟ ରେଳବାଇ ଷ୍ଟେସନରେ ସୋମବାର ସକାଳେ ଜିଆରପି ଏବଂ ଆରପିଏଫ ପକ୍ଷରୁ ଦୁଇଟି ଟ୍ରେନରେ ତଲାସୀ ପରେ ସୁଟକେସରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନରେ ତଲାସୀ ସମୟରେ ଉତ୍ତର ପ୍ରଦେଶର ମୁସ୍କାନ ନାମ୍ନୀ ମହିଳା ଏବଂ ବିହାର ରାଜ୍ୟର ଜନୈକା ନାବାଳିକାର ସୁଟକେସରେ ପୋଲିସ ୨୦ କେଜି ଗଞ୍ଜେଇ ପାଇଥିବା ସରକାରୀ ରେଳୱେ ଷ୍ଟେସନର ଏସଆଇ ସଂତୋଷୀ ମହନ୍ତ କହିଛନ୍ତି । ସେହିପରି ଆଜି ବିଶାଖାପାଟଣା ପାସେଞ୍ଜର ଟ୍ରେନରେ ଉତ୍ତର ପ୍ରଦେଶ ରାଜ୍ୟର ଅଙ୍କୁର ନାମକ ଯୁବକର ସୁଟକେସରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଥିବା ସେ କହିଛନ୍ତି। ସମୁଦାୟ ୩୦ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ କୋର୍ଟ ଚାଲାଣ କରାଯାଇଥିବା ସେ କହିଛନ୍ତି। ଏ ପର୍ଯ୍ୟନ୍ତ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୬ ଜଣ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସେ କହିଛନ୍ତି। ଗଞ୍ଜେଇ ମାଫିଆ ମାନେ ମହିଳା ମାନଙ୍କୁ ଅସ୍ତ୍ରକରି ବେପାର କରୁଛନ୍ତି । କିନ୍ତୁ ପୋଲିସ ସଜାଗ ରହି ମହିଳା ମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି। କୋରାପୁଟ ଆରପିଏଫର ଏଏସଆଇ ଜ୍ୟୋତି ରଞ୍ଜନ ନାୟକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଚନ୍ଦଲୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ

ଏସ୍.ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ଚନ୍ଦଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସମାପ୍ତି ସୂଚକ ମୂଲ୍ୟାୟନର ଫଳାଫଳ ପ୍ରକାଶ ପାଇଛି । ଛାତ୍ରଛାତ୍ରୀ, ପିତାମାତା ଓ ଅଭିଭାବକ ମାନେ ପରୀକ୍ଷା ଫଳ ଜାଣି ତାଙ୍କର ମତାମତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଜଣାଇଥିଲେ । ଏହା ପରେ ବିଦ୍ୟାଳୟରେ କୈଶୋର ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ସହଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ପ୍ରେମରାଜ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କୈଶୋର ଯୋଗ ଶିବିର ଆୟୋଜନ କରିଥିଲେ କ୍ରୀଡା ଶିକ୍ଷକ ଶ୍ରୀମନ୍ତ ପ୍ରଧାନ ଓ ତାଙ୍କୁ ସହଯୋଗ କରିଥିଲେ ଶିକ୍ଷକ ଅରୂପା ସାହୁ, ସନ୍ତୋଷ ଭୋଇ, ପ୍ରକାଶ ଭୁଏ ଏବଂ ଶିକ୍ଷିକା ନିକିତା ସାହୁ । ପରେ କୈଶୋର କୈଶୋରୀ ମାନଙ୍କର ପାଇଁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ନିତୁ ପଧାନ, ସଝନ୍ତନଝ ଗୁରୁମା ଓ ଶିକ୍ଷକ ଦିବ୍ୟରଞ୍ଜନ ପଧାନକାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଲୋଚନାଚକ୍ରରେ ଅନ୍ଧାରିବାଞ୍ଜି ସ୍ୱାସ୍ଥ୍ୟ କର୍ମୀ ମଞ୍ଜୁଲତା ବୁଡ଼େକ ଓ ଆଶା କର୍ମୀ ମିନା ଭୁଏ ଛାତ୍ରଛାତ୍ରୀ ମାନଙ୍କୁ କୈଶୋର ଅବସ୍ଥାରେ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ନିଦାନ ବିଷୟରେ ଅବଗତ କରାଇଥିଲେ । ପୋଷ୍ଟର ତିଆରି ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଶିକ୍ଷକ ବାସୁଦେବ ବିଶ୍ୱାଳ, ରମେଶ ପ୍ରଧାନ, ସୁଜିତ ବଗର୍ତ୍ତୀ ତଦାରଖ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁଶୋଭିତ ପ୍ରାଚୀର ପତ୍ରକୁ ଅଭିଭାବକ ମାନଙ୍କର ଦ୍ୱାରା ଉଦଘାଟିତ କରାଯାଇଥିଲା । ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଦୀପ୍ତ କିଶୋର ଦାଶ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱେଚ୍ଛାସେବୀ ପିଙ୍କୁ ଭୁଏ,ସୁନୀଲ ଭୋଇ ଓ ଗ୍ରାମବାସୀ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ଅବସର ଦିବସରେ ହିଁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ଝାରସୁଗୁଡା,(ସବ୍ୟୁ): ଜିଲ୍ଲା ଶିକ୍ଷା ଅଧିକାରୀ ଡ: ରାଧାକାନ୍ତ ଗଡତିଆ ଓ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସାଙ୍କ ବ୍ୟକ୍ତିଗତ ଉଦ୍ୟମରେ ଦୁଇଜଣ କ୍ରୀଡା ଶିକ୍ଷକ ତାଙ୍କ ଅବସର ଦିବସରେ ହିଁ ପୂର୍ଣ୍ଣାଙ୍ଗ ପେନସନ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ନିରାଡ଼ମ୍ବର ଉତ୍ସବରେ ଖଗେଶ୍ୱର ପଟେଲ, ଓରିଏଣ୍ଟ କୋଲିଆରୀ ହାଇସ୍କୁଲ, ବ୍ରଜରାଜନଗର ଓ କୁବେର କୁମ୍ଭାର, ଲାଇକେରା ପଞ୍ଚାୟତ ସମିତି ଦୀକ୍ଷିତ ହାଇସ୍କୁଲର ଦୁଇଜଣ କ୍ରୀଡା ଶିକ୍ଷକଙ୍କୁ ପେନସନ କାଗଜପତ୍ର, ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନିଜର ସଂକ୍ଷିପ୍ତ ଅଭିଭାଷଣରେ ଡ: ଗଡତିଆ ଓ ଶ୍ରୀ ସା ଦୁଇ କ୍ରୀଡା ଶିକ୍ଷକଙ୍କ ଚାକିରି ଜୀବନର ଉପଲବ୍ଧି ବର୍ଣ୍ଣନା କରିବା ସହ ଅବସର ଜୀବନ ଦୀର୍ଘ ଓ ନିରାମୟ ପାଇଁ କାମନା କରିଥିଲେ। ଇତ୍ୟବସରରେ ଉପସ୍ଥିତ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ମହାନ୍ତି, ଅନିଲ କୁମାର ପଟେଲ, ଜଗଦୀଶ କିସାନ ଆଦି ଶିକ୍ଷକମାନେ ଶିକ୍ଷା ଅଧିକାରୀଙ୍କ ମହନୀୟ ଉଦ୍ୟମ ସହ ପ୍ରକ୍ରିୟାର ସଫଳ ରୂପାୟନ ପାଇଁ କିରାଣୀ ସଂଗ୍ରାମ ପଟେଲ ଓ ଅମିୟ ପଟେଲଙ୍କ ସକ୍ରିୟ ସହଯୋଗର ଭୂୟସୀ ପ୍ରଶଂସା କରିଥିଲେ ।

# ଅନ୍ତୋଦୟ ଯୋଜନାରେ ୪୬୫ କାର୍ଯ୍ୟାଦେଶ ବଣ୍ଟନ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ପରିସରରେ ଅନ୍ତୋଦୟ ଗୃହ ଯୋଜନାରେ ବ୍ଲକର ୪୬୫ ଜଣ ହିତାଧିକାରୀଙ୍କୁ ଆବାସ ଗୃହର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସ୍ଥାନୀୟ ବିଡ଼ିଓ ସନ୍ଧ୍ୟା ସମରଥଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲାର ସଦର ମହକୁମା ଭବାନୀପାଟଣା ଠାରେ ଅନ୍ତୋଦୟ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାଦ ପଡିଥିବା ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆବାସ ଗୃହ ବଣ୍ଟନ କରାଯାଇଛ। ଦିବ୍ୟାଙ୍ଗ,ବିଧବା ଭଳି ଲୋକଙ୍କୁ ଅନ୍ତୋଦୟ ଯୋଜନାରେ ଆବାସ ଗୃହ ଦିଆଯିବ ବୋଲି କୋଟପାଡ଼ ବିଧାୟକ ରୁପୁ ଭତରା କହିଥିଲେ। ବ୍ଲକ ର ୩୧ ଗୋଟି ପଞ୍ଚାୟତ ର ପ୍ରତେକ ପଞ୍ଚାୟତକୁ ୧୫ ଜଣ ହିତାଧିକାରୀଙ୍କୁ ଆବାସ ଗୃହର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟାଦେଶ ପାଇଥିବା ପ୍ରତେକ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ଦ୍ୱିତୀୟ ପର୍ଯ୍ୟାୟରେ ୬୫ ହଜାର ଟଙ୍କା ଓ ତୃତୀୟ ତଥା ଶେଷ ପର୍ଯ୍ୟାୟରେ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜଣାପଡିଛି। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ଜୟପୁର ବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭଦ୍ରା,ଜିଲ୍ଲା ପରିଷଦ ସଭ୍ୟ ନୃସିଂହ ନାଥ ଶତପଥୀ, ବିଜେପି ମଣ୍ଡଳ ସଭାପତି ବିଘ୍ନରାଜ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



# ସମାଜରୁ ଅନ୍ଧ ବିଶ୍ୱାସ ଦୂରୀକରଣ ସହ ମଦ୍ୟପାନ ନିଷେଧ ଉପରେ ଗୁରୁତ୍ୱାରୋପ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଭୂର୍କାଧୋଡା ବୁଢାଦେଓ ଗୋଷ୍ଠି ଗୃହରେ ଗୋଣ୍ଡ ସାଂସ୍କୃତିକ ସମାଜର ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ ସଭାପତି ଭଗବାନ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଉପସଭାପତି ସନ୍ଥ ରାମ ମାଝି, ସମ୍ପାଦକ ଚମ୍ପା ଲାଲ ମାଝି, ସହ -ସମ୍ପାଦକ ଟିକେରାମ ମାଝି, ଉପ ସଭାନେତ୍ରୀ ପଙ୍କଜିନୀ ମାଝି, ସୁମିତ୍ରା ମାଝି, ଗୀତା ମାଝି, କୋଷାଧ୍ୟକ୍ଷ ଅର୍ଜୁନ ମାଝି ପ୍ରମୁଖ ଯୋଗଦେଇ ସମାଜ ଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ବିଶଦ ଭାବେ ଆଲୋଚନା କରି ବୁଝାଇ ଥିଲେ। ସମାଜରୁ ଅନ୍ଧ ବିଶ୍ୱାସ ଦୂରୀକରଣ, ମଦ୍ୟ ପାନ ନିଷେଧ, ନାରୀ ଶିକ୍ଷାର ପ୍ରସାର, ନୂତନ ପିଢ଼ୀ ପାଇଁ ନବଜାଗରଣ ଆଣି ଏକ ସୁସ୍ଥ,ସମୃଦ୍ଧ ଓ ଶିକ୍ଷିତ ସମାଜର ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏ ଅବସରରେ ବିଭିନ୍ନ ସର୍କଲ ସଭାପତି ଯୋଗଦାନ୍ କରିଥିଲେ ଲଖନା ସର୍କଲ ସଭାପତି ରାଜେନ୍ଦ୍ର ମାଝୀ, ସମରସିଂ ଯୋଗ ମାଝି,ମୁଣ୍ଡାପଲା ମନୁଧର ମାଝି, ସାହଜେଟ ଭାଗିରଥି ମାଝି, ଦାନୋଝୋଲା ବିରଞ୍ଚି ମାଝି, ମେଣ୍ଢାଟାଲ ଟିପଚନ୍ଦ ମାଝି, ଭେଲା ଲକ୍ଷ୍ମଣ ମାଝି, ନବ ଗଠିତ ଭେଲା ତୁଲାରାମ ମାଝି, ମିଛାପାଲି ଅନୁପ ସିଂ ମାଝି, ଠୋଙ୍ଗୋ ବଂଶୀଧର ମାଝି, ଢୋରଲାମୁଣ୍ଡା ଭଜ ମାଝି, ଛତା ରାଜୁ ମାଝି, ଦିଆମଣ୍ଡା ଚନ୍ଦ୍ର ଧରୁଆ, ଅନୁପଗଡ ଲଛିନ୍ଦ୍ର ମାଝି, ପେଣ୍ଡରାବନ ଦୁଲୁ ରାମ ମାଝି, ସିଆଲଟି ଲାଇବାନୋ ସୋରୀ, ସୁଆବାହାଲ ପାରେଶ୍ୱର ମାଝି, ଦର୍ଲିପଡା ଦୁର୍ଗା ପ୍ରସାଦ ମାଝୀ, ଗାତିବେଡ଼ା ଶ୍ରୀପାଲ ମାଝି, ଅଗ୍ରେନ ସତ୍ୟାନନ୍ଦ ମାଝି, ଖଇରଭାଡ଼ି କୀର୍ତ୍ତନ ମାଝିଛ ସମାଜ ଦୂତ ହେମରାମ ମାଝି ଓ ଭୋଲା ସିଂ ମାଝି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।



# ପାଳିତ ହେଲା ତେଲୁଗୁ ନବ ବର୍ଷ



ରାୟଗଡା,(ସବ୍ୟୁ):ରାୟଗଡ଼ା ସହର ଆଲୋକରେ ସୁସଜ୍ଜିତ ହେବା ସହ ଚଳଚଞ୍ଚଳ ହୋଇଛି ତେଲୁଗୁ ନବ ବର୍ଷ ତଥା ଉଗାଦି ଉତ୍ସବ । ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସହରର ତିନୋଟି ସ୍ଥାନରେ ପାଳନ ହେଲା ତେଲୁଗୁ ନବ ବର୍ଷ । ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯାଉଛି । ରାୟଗଡା ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ୧୩ତମ ଉଗାଦି ଉତ୍ସବ ପାଳନ ବୋଲି କୁହାଯାଇଛି। ଆବାହକ ରାଇସିଂ ବିଡିକା ଓ ସଭାପତି ଏନ.ଭାସ୍କର ରାଓଙ୍କ ନେତୃତ୍ୱରେ ସ୍ଥାନୀୟ ହୋଟେଲ ତେଜସ୍ୱୀ ସମ୍ମୁଖ ପଡିଆରେ ଦୁଇ ଦିନ ଧରି ଏହି ଉତ୍ସବ ପାଳନ କରାଯାଉଛି । ରବିବାର ସକାଳେ ପଂଚାଙ୍ଗ ଶ୍ରବଣମ, କବିତା ଗୋଷ୍ଠୀ, ଉଗାଦୀ ପାଇଁ ସ୍ୱତନ୍ତ୍ର ଆନ୍ଧ୍ର ଆଚାର ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ସଂଧ୍ୟାରେ ଜଗନ୍ନାଥ ମନ୍ଦିରରୁ ତେଜସ୍ୱୀ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଆଜ୍ଞାମାଳ ଅଣାଯାଇଥିଲା। ପରେ ମନ୍ତ୍ର ପାଠକରି ଦୀପ ପ୍ରଜ୍ୱଳନ କରି ଉଗାଦୀ ଉତ୍ସବ ଆରମ୍ଭ ହୋଇଥିଲା । ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡାର ତେଲୁଗୁ ଏବଂ ଓଡିଆ ସଂପ୍ରଦାୟର ଭାଇଭଉଣୀମାନେ ଯୋଗ ଦେଇଥିବାରୁ ସଭାପତି ଭାସ୍କର ରାଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେହିପରି ରାୟଗଡା ସହର ଉପକଣ୍ଠ ଖଲିଗୁଡା ନିକଟସ୍ଥ ପଡିଆରେ ଜିଲ୍ଲା ଉଗାଦୀ କମିଟି ପକ୍ଷରୁ ମଧ ଦୁଇ ଦିନ ଧରି ଉଗାଦି ଉତ୍ସବ ପାଳନ କରାଯାଇଛି । ଏହି କମିଟିର ଅଧ୍ୟକ୍ଷ ୟାଲ୍ଲା ଭେଙ୍କେଟେଶ୍ୱର ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଠିକ ସେହିପରି ବୈଷ ସଙ୍ଗଠନ ପକ୍ଷରୁ ପ୍ରଥମ ଥର ପାଇଁ ଉତ୍ସବ ପାଳନ କରାଯାଇଛି। ବୈଷ ସଙ୍ଗଠନରେ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା , ବିଧାୟକ କାଡ୍ରାକା ଆପଲସ୍ୱାମୀ ଏବଂ ବିଧାୟକ ନୀଳମାଧବ ହିକକା ଅତିଥି ଭାବେ ତିନୋଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଉଗାଦି ଉତ୍ସବ ପାଳନ ଅବସରରେ ସହରରେ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟର ଭାଇଚାରା ଦେଖିବାକୁ ମିଳିଥିବା ବେଳେ ରାୟଗଡ଼ା ସହର ବାସୀ ଉଲ୍ଲାସର ସହ ଉତ୍ସବକୁ ଉପଭୋଗ କରିଛନ୍ତି ।

# ମୁସଲିମ ଜମାତ ପକ୍ଷରୁ, ଇଦ ମୁବାରକ

ଜୟପାଟଣା,(ସବ୍ୟୁ): ପବିତ୍ର ରମଜାନ ମାସର ଅନ୍ତିମ ଦିବସରେ, ଜୟପାଟଣା ଜୁମ୍ମା ମସଜିଦଠାରେ ଇଦ ପର୍ବ ହସ ଖୁସିର ସହ ପାଳିତ ହୋଇ ଯାଇଛି । ଏହି ଅବସରରେ ଜୟପାଟଣା, ମୂଖିଗୁଡା, କୋକସରା ଅଂଚଳର ସମସ୍ତ ମୁସଲମାନ ଭାଇମାନେ ଜୁମ୍ମା ମସଜିଦ ଠାରେ ଏକତ୍ରିତ ହୋଇ ସମବେତ ଭାବେ ମୌଲାନା ସୟଦ ମୌଜମଙ୍କ ଦ୍ୱାରା ଇଦ ନମାଜର ପଠନ ହୋଇଥିଲା। ନମାଜ ଶେଷରେ ଦେଶବାସୀଙ୍କ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ନିକଟରେ ସମବେତ ଆଶୀର୍ବାଦ ଭିକ୍ଷା କରାଯାଇଥିଲା। ଏକ ଆନନ୍ଦ, ଉଲ୍ଲାସ, ଭାଇଚାରାର ସମ୍ପର୍କ ମଧ୍ୟରେ ପବିତ୍ର ଇଦ ପର୍ବ ପାଳିତ ହୋଇଯାଇଥିବା ଯୋଗୁଁ, ଜୁମ୍ମା ମସଜିଦ କମିଟି ସଭାପତି ୟୁସୁଫ ଖାନ, ସମ୍ପାଦକ ନିବାସ ଅଲ୍ଲୀ, ଜବାର ଖାନ, ଫକୀର ଖାନ,ମୁସ୍ତାଫିଜ ଅଲ୍ଲୀ, ଆବେଶ ମହମ୍ମଦ, ଫିରୋଜ ଖାନ, ନବାବଖାନ, ଆରିଫ ଅଲ୍ଲୀ, ନୁରତାଜ ଅଲ୍ଲୀ, ମେହେବୁବ ଅଲ୍ଲୀ,ତାହିର ଅଲ୍ଲୀ, ଅହମ୍ମଦ ଅଲ୍ଲୀ, ଗୁଲ ମହମ୍ମଦ, ଦୋସ୍ତ ମହମ୍ମଦ, ହୁସେନ ହାପିଜ, ଶେଖ ସୁଭାନ, ଶେଖ ସୋବି, ସଫି ମହମ୍ମଦ,ୟାର ଖାନ ମହସିନ ଖାନ, ଅମନ ଖାନ, ବିକ୍କୀ ବାବୁ, ପ୍ରମୁଖ ସମଗ୍ର ଦେଶବାସୀଙ୍କୁ ଇଦ ମୁବାରକ ଜଣେଇଛନ୍ତି।

# ଖବର କାଗଜ ବିକ୍ରେତାଙ୍କୁ ଶ୍ରମିକ ମାନ୍ୟତା ଦାବି



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ମହାନଗର ଖବର କାଗଜ ବିକ୍ରେତା ସଂଘର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶ୍ରମିକ ନେତା ଗଦାଧର କୁଅଁର କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ସଂଘର ସମ୍ପାଦକ ସ୍ୱପ୍ନେଶ୍ୱର ସେନାପତି ଖବରକାଗଜ ବିକ୍ରେତାମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ସଦସ୍ୟ ଦଶରଥ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାମ୍ବାଦିକ ଭାସ୍କର ସାହୁ ଖବର କାଗଜର ପୁନଃରୁଥାନ୍ ଓ ଉତ୍ତୋରତ୍ତୋର ଉନ୍ନତି ଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହେବ ବୋଲି କହିଥିଲେ। ସିଆଇଟିୟୁ ଜିଲ୍ଲା ସମ୍ପାଦକ ଲଳିତ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ । ଖବରକାଗଜ ବିକ୍ରେତାମାନଙ୍କୁ ଶ୍ରମିକର ମାନ୍ୟତା ଓ ବୀମା ସୁବିଧା ପ୍ରଦାନ ଓ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ, କମିଶନ ପରିମାଣ ୪୦ ପ୍ରତିଶତକୁ ବୃଦ୍ଧି, ପେନ୍‌ସନ୍ ବ୍ୟବସ୍ଥା ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଥିଲା । ଏଥିରେ ନୀଳାଚଳ ଘୋଷ, ଆନନ୍ଦ ଭୋଇ, ପ୍ରଶାନ୍ତ ନାୟକ, କୁଞ୍ଜବିହାରୀ ପଣ୍ଡା, ସୁଶୀଳ ଛୁରିଆ, ପ୍ରୀତମ ଦାଶ, ସୁଶାନ୍ତ ନାୟକ ଜୟପ୍ରକାଶ କୁମାର ଓ ଯୋଗେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପତ୍ନୀହନ୍ତା ସ୍ୱାମୀ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ପୋଲିସ ପତ୍ନୀହନ୍ତା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି । ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ମହୁଲପାଲି ଥାନା ଅନ୍ତର୍ଗତ ବେନିଆପୋଷୀ ଗ୍ରାମର ଗୁଣନିଧି କିସାନ(୩୩) ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ଥାନା ରାଇକାଜନ ଗ୍ରାମର ରାଧା କିସାନ(୩୦)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ଥିବାବେଳେ କୌଣସି ଏକ କଥାକୁ ନେଇ ଗତ ୨୯ତାରିଖ ରାତିରେ ଝଗଡା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଗୁଣନିଧି ତାଙ୍କୁ ଟାଙ୍ଗିଆ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ । ଫଳରେ ରାଧାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏନେଇ ମହୁଲପାଲି ଥାନାରେ ୪୩/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରାଯାଇଛି । ଏଥିସହ ରକ୍ତଲଗା ଟାଙ୍ଗିଆ ଓ ଠେଙ୍ଗାକୁ ଜବତ କରାଯାଇଛି ।

**AFFIDAVIT**

I, Vikash Kumar Kedia, S/o- Jai Prakash Kedia, R/o-Agrasen Marg, Jharsuguda, Odisha, 768201 declare by this affidavit No-02 dated. 29.03.2025 that now onwards my father shall be known as JAI PRAKASH KEDIA for all future purposes.

**Vikash Kumar Kedia**

(ଶ୍ରୀମଦ୍‌ଭଗବଦ୍ ଗୀତା ୧୪/୦୬)
–କ୍ଷେତ୍ର–କ୍ଷେତ୍ରଜ୍ଞ ବିଭାଗଯୋଗଃ–
(ଶ୍ରୀଭଗବାନୁବାଚ )
ତତ୍ର ସତ୍ତ୍ୱଂ ନିର୍ମ୍ମଳତ୍ୱାତ୍ ପ୍ରକାଶକମନାମୟମ୍ ।
ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ।।୬।।
ହେ ନିଷ୍ପାପ ! ସେହି ଗୁଣମାନଙ୍କ ମଧ୍ୟରେ ସତ୍ତ୍ୱଗୁଣ ନିର୍ମଳ ବୋଲି ସ୍ଫଟିକମଣି ପରି ଉଜ୍ଜ୍ୱଳ ଓ ନିରୁପଦ୍ରବ (ଶାନ୍ତ), ଅତଏବ ତାହା ଦେହୀକୁ (ଶାନ୍ତବୋଲି) ସୁଖାସକ୍ତିଦ୍ୱାରା ଓ (ପ୍ରକାଶକ ବୋଲି) ଜ୍ଞାନାସକ୍ତିଦ୍ୱାରା ଆବଦ୍ଧ କରେ ।।୬।।

# ବନ୍ଦେ ଉତ୍କଳ ଜନନୀ

ସମ୍ପାଦକୀୟ

ପ୍ରାଗୈତିହାସିକ କାଳରୁ ଏହି ଓଡ଼ିଶା ଭୂମି ଉତ୍କଳ, କଳିଙ୍ଗ, କୋଶଳ ଓ ଉଡ୍ର ନାମରେ ପରିଚିତ ଥିଲା ବୋଲି ଇତିହାସକୁ ଅବଲୋକନ କଲେ ଜଣା ପଡିଥାଏ । ଉତ୍କଳ ଓ ଉତ୍‌କଳ ନାମଟି ପୂର୍ବାପେକ୍ଷା ପୁରୁଣା ଯାହା ବ୍ୟବହୃତ ହୋଇ ଆସୁଥିଲା, ପରବର୍ତ୍ତୀ କାଳରେ ତାହା 'ଓଡ଼ିଶା' ନାମ ବହନ କରି ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଭାରତରେ ସ୍ଥାନ ପାଇଥିଲା । 'ସ୍କନ୍ଦ ପୁରାଣ'ର ପୁରୁଷୋତ୍ତମ ମାହାତ୍ମ୍ୟରେ ଉତ୍‌କଳ ବା ଉତ୍କଳକୁ ଏକ ଦେଶ ଭାବରେ ବର୍ଣ୍ଣନା କରାଯାଇଛି । ଉତ୍କଳର ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଅବସ୍ଥିତି ଯୋଗୁଁ ହିଁ ଓଡ଼ିଶାର ମହିମା ବୃଦ୍ଧି ପାଇଥିଲା ଏବଂ ଓଡ଼ିଶା ଏକ ପବିତ୍ର ରାଜ୍ୟ ବୋଲି ପରିଗଣିତ ହେଉଥିଲା ।

ପ୍ରାୟ ତିନିଶହ ବର୍ଷ କାଳ ଉତ୍କଳ ବା ଏବର ଓଡ଼ିଶା ମରହଟ୍ଟା, ମୋଗଲ ଓ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଇ ପରାଜୟ ବରଣ କରିଥିଲା । ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ । ୧୮୨୮ ସୁଦ୍ଧା ଇଂରେଜମାନେ ଓଡ଼ିଶାର ସମସ୍ତ ଅଞ୍ଚଳ ଅଧିକାର କରି ସାରିଥିଲେ । ୧୯୩୬ ଏପ୍ରିଲ ପହିଲା ଦିନ ଓଡ଼ିଶା ବିହାରରୁ ଅଲଗା ହୋଇ ଭାରତରେ ପ୍ରଥମେ ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହୋଇଥିଲା । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ସତ, ମାତ୍ର ଇଂରେଜ ଶାସକମାନଙ୍କର କୂଟନୀତି ଫଳରେ ଦକ୍ଷିଣ ଓଡ଼ିଶାର ଅଞ୍ଚଳଗୁଡ଼ିକ ମାଡ୍ରାସରେ (ଏବର ତାମିଲନାଡୁ) ସମ୍ବଲପୁର, ଫୁଲଝର, ସାରଙ୍ଗଗଡ ଓ ରାୟଗଡ଼ ପ୍ରଭୃତି ଅଞ୍ଚଳ ତତ୍କାଳୀନ ମଧ୍ୟପ୍ରଦେଶରେ ଓ କଟକ, ପୁରୀ, ବାଲେଶ୍ୱର ଜିଲ୍ଲାଗୁଡିକ ସହିତ ଛୋଟନାଗପୁର ଅଞ୍ଚଳମାନ ବିହାର, ବଙ୍ଗଳା ମଧ୍ୟରେ ରହି ଯାଇଥିଲା ।

ଓଡ଼ିଶା ମାତ୍ର ଛଅଗୋଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠିତ ହୋଇଥିଲା । ସେହି ଜିଲ୍ଲାଗୁଡିକ ଥିଲା କୋରାପୁଟ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର । ୧୯୪୮ରେ ଅନ୍ୟ କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାରେ ମିଶିବା ପରେ ଆଉ ସାତଗୋଟି ଜିଲ୍ଲା ମିଶିବାରୁ ତେରଗୋଟି ଜିଲ୍ଲାକୁ ନେଇ ଓଡ଼ିଶା ଗଠିତ ହୋଇଥିଲା । ଏହା ପରେ ଅବଶ୍ୟ ନବେ ଦଶକରେ ତିରିଶଗୋଟି ଜିଲ୍ଲାକୁ ନେଇ ଓଡ଼ିଶା ଗଠିତ ହୋଇଥିଲା ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଶତବାର୍ଷିକ ଉତ୍ସବ ଆସନ୍ତା ୨୦୩୬ରେ ପାଳନ କରିବାକୁ ପ୍ରସ୍ତୁତ ହେଉଛି ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିଭିନ୍ନ ସମୟରେ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ଓଡ଼ିଶା ଉପରେ ପକାଇଛନ୍ତି । ଆଉ ଗୋଟିଏ ଯୁଗଠାରୁ ବର୍ଷଟିଏ କମ୍ ଅର୍ଥାତ୍ ଏଗାର ବର୍ଷ ପରେ ଆମେ ସମସ୍ତେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରିବା । ଓଡ଼ିଶାର ତିନି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅଶ୍ୱିନୀ ବୈଷ୍ଣବ ମଧ୍ୟ ନିଜ ନିଜ ବିଭାଗ ପ୍ରତି ଦୃଷ୍ଟି ଦେବା ସହିତ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସୁଛନ୍ତି । ଭାରତର ପ୍ରଥମ ନାଗରିକ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଜଣେ ଓଡ଼ିଆ । ତେଣୁ ଓଡ଼ିଶା ଉପରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିବା ସ୍ୱାଭାବିକ । କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀମାନଙ୍କରେ ଏବେ ଓଡ଼ିଆ ଅଧିକାରୀମାନଙ୍କୁ ଅବସ୍ଥାପିତ କରାଯାଇଛି । ତେଣୁ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ମନ ଧ୍ୟାନ ନେଇ ଲାଗି ପଡ଼ିଲେ ହୁଏତ ଓଡ଼ିଶା ଆଉ ପଛରେ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି । ପ୍ରାକୃତିକ ସଂପଦରେ ଭରପୂର ଓଡ଼ିଶାକୁ ଆଗକୁ ନେବା ଲାଗି ସମସ୍ତେ ସଂକଳ୍ପ କରିବା ଉଚିତ ।

ଏବେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନେ ଦୁର୍ଦ୍ଦଶା ମଧ୍ୟରେ ଅଛନ୍ତି । ଯଦିଓ ଓଡ଼ିଆ ସ୍କୁଲଗୁଡ଼ିକ ରହିଛି, ଓଡ଼ିଆ ଶିକ୍ଷକଙ୍କୁ ଓଡ଼ିଶା ସରକାର ମାସିକ କେତେ ହଜାର ଟଙ୍କା ଦରମା ଦେଇ ଆସୁଥିଲେ ମଧ୍ୟ ସେ ଟଙ୍କା ଠିକ୍ ଭାବେ ପହଞ୍ଚି ପାରୁନି କିମ୍ବା ପହଞ୍ଚିଥିଲେ ମଧ୍ୟ ବାଟମାରଣା ହେଉଛି ବୋଲି ଅଭିଯୋଗ ହେଉଛି । ଅଧିକାଂଶ ବିଚ୍ଛିନ୍ନାଞ୍ଚଳର ଲୋକେ ସେମାନଙ୍କ ନାମ ପରେ ରହୁଥିବା ସାଙ୍ଗିଆକୁ ପଡ଼ୋଶୀ ରାଜ୍ୟରେ ବଦଳାଇ ସେମାନଙ୍କର ଭାଷା ଓ ସଂସ୍କୃତିକୁ ଆଦରି ନେବା ବ୍ୟତୀତ ଯେପରି ଗତ୍ୟନ୍ତର ନାହିଁ । ତେଣୁ ଓଡ଼ିଶା ତାହାର ଶତବାର୍ଷିକ ଉତ୍ସବ ପାଳନ କରିବା ପୂର୍ବରୁ ଏ ବିଷୟରେ ସଚେତନ ହେବା ଉଚିତ ।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ: ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରତୀକ

**ମୋହନ ଚରଣ ମାଝୀ**

୯୦ତମ ଓଡ଼ିଶା ଦିବସ ଏକ ନୂତନ ବାର୍ତ୍ତା, ନୂତନ ଉନ୍ମାଦନା ନେଇ ଆସିଛ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଓଡ଼ିଶା ପାଇଁ କେବଳ ଏକ ଭୌଗଳିକ ସୀମାରେଖା ଟାଣି ଏହାକୁ ସେ ସମୟର ବ୍ରିଟିଶ–ଇଣ୍ଡିଆର ଆଉ ଏକ ରାଜ୍ୟର ମାନ୍ୟତା ଦେବା ନ ଥିଲା, ସ୍ୱତନ୍ତ୍ର ଓଡ଼ିଶାର ଆନ୍ଦୋଳନ ଥିଲା ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି, ଓଡ଼ିଆ ସାହିତ୍ୟକୁ ବିଲୁପ୍ତ ହେବାରୁ ବଞ୍ଚାଇବାର ପ୍ରୟାସ ।

ଦୁର୍ଭାଗ୍ୟ ବଶତଃ, ଓଡ଼ିଶାର ଶେଷ ରାଜା ମୁକୁନ୍ଦ ଦେବଙ୍କ ପରେ ଓଡ଼ିଶା ନିଜର ସ୍ୱତନ୍ତ୍ର ଭୌଗଳିକ ସ୍ଥିତି ହରାଇ ବସିଥିଲା । ଏହା ଖଣ୍ଡ ବିଖଣ୍ଡିତ ହୋଇ ବିଭିନ୍ନ ପ୍ରଦେଶ, ବିଭିନ୍ନ ସାମ୍ରାଜ୍ୟରେ ନିଜକୁ ସଙ୍କୁଚିତ କରିଦେଇଥିଲା । ଏପରିକି, ଇଂରେଜ ଶାସନ ସମୟରେ ମଧ୍ୟ ଓଡ଼ିଶା ତିନି ଭାଗରେ ବିଭକ୍ତ ହୋଇଯାଇଥିଲା ଯାହା ଫଳରେ ଖଣ୍ଡ ବିଖଣ୍ଡିତ ଓଡ଼ିଶା ବ୍ରିଟିଶ–ଇଣ୍ଡିଆର ଅଲଗା ଅଲଗା ପ୍ରୋଭିନ୍ସ ସହିତ ସମ୍ମିଳିତ ହୋଇଥିଲା । ଶାସନ–ପ୍ରଶାସନର ଦ୍ୱାହି ଦେଇ ଏ ପ୍ରକାର ଏକ ଅବାଞ୍ଛିତ ଶାସନ ବ୍ୟବସ୍ଥା ଜୋର୍ ଜବରଦସ୍ତି ଲଦି ଦିଆ ଯାଇଥିଲା ।

କିନ୍ତୁ, ବିଧିର ବିଧାନ ଥିଲା ଅଲଗା । ସମୟାନୁକ୍ରମେ ବ୍ରିଟିଶ ଶାସକମାନେ ଏହି ଐତିହାସିକ ଭୁଲକୁ ବୁଝିପାରିଥିଲେ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ପରେ ସେ ସମୟର ବ୍ରିଟିଶ ସଚିବ ସ୍ୱୀକାର କରିଥିଲେ ଯେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ହେଲେ, ଏହି ଅଞ୍ଚଳରେ ବାରମ୍ବାର ହେଉଥିବା ପ୍ରାକୃତିକ ବିପର୍ଯ୍ୟୟକୁ ସଠିକ ଏବଂ ପ୍ରଭାବୀ ଢଙ୍ଗରେ ମୁକାବିଲା କରାଯାଇପାରିବ । ଆଉ ଏକ ପାଦ ଆଗକୁ ଯାଇ ୧୮୮୫ ମସିହାରେ ସେ ସମୟର ଓଡ଼ିଶା ଡିଭିଜନର କମିଶନର ଭାଷାଗତ ତଥା ସାଂସ୍କୃତିକ ସାମଞ୍ଜସ୍ୟ ଯୋଗୁଁ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ମିଶ୍ରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଯାହା ପରବର୍ତ୍ତୀ କମିଶନର ଏଚ. ଜି. କୁକ୍ ୧୮୯୪–୯୫ ମସିହାର ବାର୍ଷିକ ରିପୋର୍ଟରେ ଦୃଢଭାବେ ଉପସ୍ଥାପିତ କରିଥିଲେ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳ ବ୍ରିଟିଶ–ଇଣ୍ଡିଆର କେନ୍ଦ୍ରୀୟ ପ୍ରୋଭିନ୍ସ, ମାଡ୍ରାସ ପ୍ରେସିଡେନ୍ସି ଏବଂ ବେଙ୍ଗଲ ପ୍ରେସିଡେନ୍ସି ସହ ସାମିଲ ହୋଇଥିଲା । ଏହି ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ, ଓଡ଼ିଶା ଭାଷା ତାର ଅସ୍ତିତ୍ୱ ହରାଇବାର ଆଶଙ୍କା ମଧ୍ୟ ଦେଖାଦେଇଥିଲା । ଅନେକ ବଙ୍ଗୀୟ ବୁଦ୍ଧିଜୀବୀ ସେ ସମୟରେ ଓଡ଼ିଆକୁ ଏକ ଭାଷାର ମାନ୍ୟତା ଦେବାକୁ ମନା କରିଦେଇଥିଲେ ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ବଙ୍ଗାଳୀ ଭାଷାରେ ପାଠ ପଢାଇବାକୁ ଚାପ ପ୍ରୟୋଗ କରୁଥିଲେ ।

୧୫ ଜାନୁୟାରୀ, ୧୮୯୫ ମସିହାରେ ଏକ ଅଧିସୂଚନା ବଳରେ ସମ୍ବଲପୁର ଅଞ୍ଚଳରେ ଅଫିସ, ବିଚାରାଳୟ ଏବଂ ସ୍କୁଲ ପାଇଁ ହିନ୍ଦୀକୁ ସରକାରୀ ଭାଷା ଭାବେ ଘୋଷଣା କରାଯାଇଥିଲା । ଏହା ବିରୁଦ୍ଧରେ ସ୍ୱତଃପ୍ରବୃତ୍ତ ଭାବେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଥିଲା । ଏହି ନିଷ୍ପତ୍ତି ବିରୁଦ୍ଧରେ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଧରଣୀଧର ମିଶ୍ର ଦୃଢଭାବେ ସ୍ୱର ଉତ୍ତୋଳନ କରିଥିଲେ । ସମ୍ବଲପୁର ଅଞ୍ଚଳରେ ମଧ୍ୟ ବ୍ରଜ ମୋହନ ପଟ୍ଟନାୟକ, ବଳଭଦ୍ର ସୁକର, ମହନ୍ତ ବିହାରୀ ଦାସ, ମଦନ ମୋହନ ଦାଶଙ୍କ ପରି ଅନେକ ଆନ୍ଦୋଳନକାରୀ ଏହାର ନେତୃତ୍ୱ ନେଇଥିଲେ ।

ସମସ୍ତେ ଏକ ସ୍ୱରରେ ଏହି ସ୍ୱେଚ୍ଛାଚାରୀ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହିତ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ସମ୍ମିଶ୍ରଣ କରିବା ପାଇଁ ଦାବି ରଖିଥିଲେ ଏବଂ ଆନ୍ଦୋଳନକୁ ଜାରି ରଖିଥିଲେ । ଫଳସ୍ୱରୂପ, ୧୯୦୫ ମସିହାରେ ଆନ୍ଦୋଳନକାରୀଙ୍କ ଉଭୟ ଦାବି ଯଥା ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ସମିଶ୍ରଣ କରିବା ଏବଂ ଓଡ଼ିଆକୁ ସରକାରୀ ଭାଷା ଭାବେ ପୁନଃସ୍ଥାପନ କରଯାଇଥିଲା । ଏହି ନିଷ୍ପତ୍ତିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ସୋପାନ ଭାବେ ବିଚାର କରାଯାଇପାରେ ।

କିନ୍ତୁ, ଏହି ଆନନ୍ଦର ସ୍ଥାୟୀତ୍ୱ ବେଶିଦିନ ତିଷ୍ଠି ନ ଥିଲା । ସେ ସମୟର ବ୍ରିଟିଶ ସରକାରଙ୍କ ଦ୍ୱାରା ହିନ୍ଦୀ ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ବେଙ୍ଗଲ ପ୍ରୋଭିନ୍ସରୁ ଅଲଗା କରି ବିହାର–ଓଡ଼ିଶା ପ୍ରୋଭିନ୍ସ ୧୯୧୨ ମସିହାରେ ଗଠନ କରାଯାଇଥିଲା । ଗଞ୍ଜାମ ଓ ବିଜୟନଗରମ ମାଡ୍ରାସ ପ୍ରେସିଡେନ୍ସିରେ ରହିଲା । କିନ୍ତୁ, ଏହି ନିଷ୍ପତ୍ତି ଓଡ଼ିଶାରେ ତୀବ୍ର ଅସନ୍ତୋଷର ସୂତ୍ରପାତ ହୋଇଥିଲା । ଏହି 'ଯାଆଁଳା' ରାଜ୍ୟ ଉତ୍ପନ୍ନ ଫଳରେ ଓଡ଼ିଶାରେ ବିହାରୀ ଏବଂ ତେଲୁଗୁ ଭାଷାଭାଷୀଙ୍କ ଆଧିପତ୍ୟ ରହିବା ଏକପ୍ରକାର ନିଶ୍ଚିତ ଥିଲା ।

ତେଣୁ, ସେ ସମୟର ନେତୃମଣ୍ଡଳୀଙ୍କ ହୃଦବୋଧ ହୋଇଥିଲା ଯେ ଓଡ଼ିଆ ଭାଷା ଓ ଓଡ଼ିଶାର ଅସ୍ତିତ୍ୱ ବଞ୍ଚାଇବାକୁ କେବଳ ଗୋଟିଏ ମାତ୍ର ବାଟ ଥିଲା । ତାହା ହେଉଛି, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଗଠନ କରିବା । ଏହା ଏକ ଅଭୂତପୂର୍ବ ନିଷ୍ପତ୍ତି ଥିଲା, କାରଣ ସେ ସମୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହେଉଥିଲା ଏବଂ ଏପରି ଏକ ଆନ୍ଦୋଳନ କେହି କେବେ ଚିନ୍ତା କରି ନ ଥିଲେ ।

ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଦରଖାସ୍ତ, ପିଟିସନ ମାଧ୍ୟମ ଛାଡି, ଜନ ଆନ୍ଦୋଳନର ଆବଶ୍ୟକତା ଥିଲା । ଏହି ଭାବନାକୁ ତୃଣମୂଳ ସ୍ତରକୁ ନେବା ପାଇଁ ଗଠନ ହୋଇଥିଲା ଉତ୍କଳ ସମ୍ମିଳନୀ ୧୯୦୩ ମସିହାରେ । 'ଉତ୍କଳ ସମ୍ମିଳନୀ'ର ମୂଳ ଲକ୍ଷ୍ୟ ଥିଲା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ରକ୍ଷା କରି ଏହାର ବିକାଶ କରିବା, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କରି ଗୋଟିଏ ପ୍ରଶାସନିକ ଏକକ ଭାବେ ଗଠନ କରିବା ଏବଂ ନୂତନ ଭାବେ ଗଠିତ ରାଜ୍ୟର ବିକାଶ କରିବା ।

ଓଡ଼ିଶାର ସୌଭାଗ୍ୟ ଯେ ସେ ସମୟରେ ଏହି ଆନ୍ଦୋଳନକୁ ଜନମାନସରେ ରେଖାଙ୍କିତ କରିବା ପାଇଁ ଥିଲେ ଦୃଢ, ବିଜ୍ଞ ଏବଂ ପ୍ରଗାଢ ବୁଦ୍ଧିମତା ବିଶିଷ୍ଟ ନେତୃତ୍ୱ । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ,ବ୍ୟାସକବି ଫକୀର ମୋହନ ସେନାପତି, କର୍ମବୀର ଗୌରୀଶଙ୍କର ରାୟ,ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଶାସକ ଶ୍ରୀରାମଚନ୍ଦ୍ର, ସ୍ୱଭାବକବି ଗଙ୍ଗାଧର ମେହେର ଉତ୍କଳ ସମ୍ମିଳନୀର ଆନ୍ଦୋଳନକୁ ବିସ୍ତାର କରିଥିଲେ ।

ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସଂଗ୍ରାମରେ ଏହି ଆନ୍ଦୋଳନ ଅନେକ ଉଚ୍ଚାନିଚା ରାସ୍ତା ଦେଇ ଗତିକରିଛି । ୧୯୨୦ ମସିହାର ସଚ୍ଚିଦାନନ୍ଦ ସିହ୍ନାଙ୍କ ପ୍ରସ୍ତାବ, ୧୯୩୦ ମସିହାର ଗୋଲ ଟେବୁଲ ବୈଠକରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭାବବିହ୍ୱଳ ଅଭିଭାଷଣ, ୧୯୩୩ ମସିହାର ସୀମା ନିର୍ଦ୍ଧାରଣ ପାଇଁ ହବାକ କମିଶନ ଏବଂ ଶେଷରେ ଏହି ଆନ୍ଦୋଳନର ସୁଖଦ ପରିଣାମ ଥିଲା ଭାରତ ସରକାର ଅଧିନିୟମ, ୧୯୩୫ । ଏହି ଅଧିନୟମ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ପରିଚୟ ନେଇ, ନୂତନ ଆଶାର ସମ୍ଭାର ନେଇ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ଯାହା ଥିଲା ସ୍ୱାଧୀନ ଭାରତର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ଭାଷା–ଆଧାରିତ ରାଜ୍ୟ ଗଠନ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକା ଥିଲା ମହତ୍ତ୍ୱପୂର୍ଣ୍ଣ ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନର ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିଗ ଥିଲା ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ ଏବଂ ଋଦ୍ଧିମନ୍ତ କରିବା । ତେଣୁ ସେ ସମୟରେ ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ,ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, କର୍ମବୀର ଗୌରୀ ଶଙ୍କର ରାୟ ନିଜର କାଳଜୟୀ ରଚନା ବଳରେ ଓଡ଼ିଆ ସାହିତ୍ୟ, ଓଡ଼ିଆ ଭାଷାକୁ ନୂତନ ଦିଗନ୍ତ ଦେଇଥିଲେ । ଭାଷା ଓ ସାହିତ୍ୟ ଓଡ଼ିଆ ଅସ୍ମିତାର ପୁରୋଧା ଥିଲେ ଏହି କବି, ଗାଳ୍ପିକ ତଥା ଗଦ୍ୟକାରମାନେ । ଏପରିକି ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିବା ପାଇଁ ସେମାନଙ୍କ ଲେଖନୀ ଚାଳନା କରିଥିଲେ । ଆଜି ସାରା ଓଡ଼ିଆ ଜାତି ଏହି ବରପୁତ୍ର ଏବଂ ମହୀୟସୀଙ୍କ ପାଖରେ ନତମସ୍ତକ ।

ଉତ୍କଳ ସମ୍ମିଳନୀର ଆଉ ଗୋଟିଏ ଦିଗ ଥିଲା ଭବିଷ୍ୟତରେ ଯେତେବେଳେ ବି ସ୍ୱତନ୍ତ୍ର ଓଡ଼ିଶା ଗଠିତ ହେବ ତାହାର ସର୍ବାଙ୍ଗୀନ ବିକାଶ କରିବା । ଗତ ପ୍ରାୟ ସାଢେ ସାତ ଦଶନ୍ଧିରେ ଓଡ଼ିଶା ଅନେକ ପ୍ରଗତି କରିଛି । କିନ୍ତୁ, କ୍ଷୋଭର ବିଷୟ ଯେ ଓଡ଼ିଶାର ସାମର୍ଥ୍ୟ ଅନୁପାତରେ ସଫଳତା ହାସଲ କରିବାରେ ରାଜ୍ୟ ଅସମର୍ଥ ହୋଇଛି । ସ୍ୱାଧୀନତାର ପ୍ରାୟ ସାଢେ ସାତ ଦଶନ୍ଧି ପରେ ବି ରାଜ୍ୟ ଦେଶର ପ୍ରମୁଖ ବିକଶିତ ରାଜ୍ୟଶ୍ରେଣୀରେ ପ୍ରହଞ୍ଚି ପାରିନାହିଁ । ପ୍ରାକୃତିକ ସମ୍ପଦ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳର ଉତ୍ସ, ବନ୍ୟ ସମ୍ପଦ ଇତ୍ୟାଦି ଯାହା ସବୁ ଗୋଟିଏ ରାଜ୍ୟର ବିକାଶ ପାଇଁ ଆବଶ୍ୟକ, ସବୁକିଛି ରହିଛି ଓଡ଼ିଶା ମାଟିରେ । ଯଦି କିଛି ଅଭାବ ଥିଲା, ତାହା ବୋଧହୁଏ ଥିଲା ଦୂରଦୃଷ୍ଟି ଏବଂ ରାଜନୈତିକ ଇଚ୍ଛାଶକ୍ତି ।

କିନ୍ତୁ, ୨୦୨୪ ଜୁନ ୧୨ ତାରିଖରେ ଓଡ଼ିଶାର ସାମାଜିକ, ରାଜନୈତିକ ପଟ୍ଟଚିତ୍ରରେ ସଂପୂର୍ଣ୍ଣ ପରିବର୍ତ୍ତନ ଆସିଛି । ଓଡ଼ିଶାରେ ଲୋକଙ୍କ ସରକାର, ଲୋକମାନଙ୍କ ପାଇଁ କାର୍ଯ୍ୟରତ । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଏବଂ ସହଯୋଗରେ ଓଡିଶା ସରକାର 'ସମୃଦ୍ଧ ଓଡିଶା' ଗଠନ ପାଇଁ ଅଗ୍ରସର ହେଉଛନ୍ତି । କେନ୍ଦ୍ରର ସହଯୋଗ, ଓଡିଶା ସରକାରଙ୍କ ସ୍ୱଚ୍ଛ ଓ ପ୍ରଭାବୀ ଶାସନ ଏବଂ ସର୍ବୋପରି ରାଜ୍ୟବାସୀଙ୍କ କଠିନ ପରିଶ୍ରମ ଫଳରେ, ୨୦୩୬ରେ ଯେତେବେଳ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତ ବାର୍ଷିକୀ ପାଳନ କରାଯିବ,ସେତେବେଳେ ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହୋଇଥିବ, ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ମାନଦଣ୍ଡରେ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ପରିଗଣିତ ହେବ । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ତିନୋଟି ଶକ୍ତିର ଉପଯୋଗ ହେବ, ସେଇ ତିନୋଟି ଶକ୍ତି ହେଉଛି–ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ ।

ସ୍ୱତନ୍ତ୍ର ଓଡ଼ିଶାର ଇତିହାସ ଆଲୋଚନା କଲାବେଳେ ଆଉ ଗୋଟିଏ ଦିଗକୁ ଅଣଦେଖା କରାଯାଇପାରିବ ନାହିଁ, ତାହା ହେଉଛି ଆଞ୍ଚଳିକ ବୈଷମ୍ୟତା । ଏହା ଅନସ୍ୱୀକାର୍ଯ୍ୟ ଯେ ଆମ ରାଜ୍ୟର କିଛି ଅଞ୍ଚଳ ଯେପରିକି ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ଅନ୍ୟ ଅଞ୍ଚଳ ପରି ବିକାଶର ଧାରାରେ ଆଶାନୁରୂପ ଭାବେ ସାମିଲ ହୋଇ ପାରିନାହିଁ । ଏହା ମଧ୍ୟ ବେଳେ ବେଳେ ଜନ ଅସନ୍ତୋଷରେ ପ୍ରତିଫଳିତ ହୋଇଛି । ଏହି ସମସ୍ୟାକୁ ବିଗତ ସରକାରମାନେ ସଠିକ ଭାବେ ସମାଧାନ କରିବାର ଆବଶ୍ୟକତା ଥିଲା । କିନ୍ତୁ, ସେହି ଐତିହାସିକ ଭୁଲକୁ ସୁଧାରିବା ପାଇଁ ନୂତନ ସରକାର ସଂକଳ୍ପ ନେଇଛନ୍ତି । ଯାହାର ପ୍ରଥମ ନିଦର୍ଶନ ହେଉଛି, ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏବଂ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ । ଏହି ଦୁଇ ପରିଷଦ ସହିତ ପୂର୍ବ ଗଠିତ ପଶ୍ଚିମ ଓଡ଼ିଶା ପରିଷଦ ରାଜ୍ୟ ବିକାଶର ନୂଆ ଦିଗନ୍ତ ସୃଷ୍ଟି କରିବ । ରାଜ୍ୟ ସରକାର ଏଥିପାଇଁ ଯାହାସବୁ ଆବଶ୍ୟକ, ତାହା କରିବାକୁ ପାଶ୍ଚାତପଦ ହେବେ ନାହିଁ ।

ରାଜ୍ୟର ଏକତା, ଅଖଣ୍ଡତା ସର୍ବୋପରି । ବିବିଧତା ଭିତରେ ଏକତା ହେଉଛି ଓଡ଼ିଆ ଅସ୍ମିତାର ପରିଚୟ । ଭାଷା, ଚଳଣି, ରୀତିନୀତି, ଖାଦ୍ୟପେୟରେ ସାମାନ୍ୟ ବିବିଧତା ଥିଲେ ମଧ୍ୟ, ସମସ୍ତେ ଗୋଟିଏ ସୂତ୍ରରେ ବନ୍ଧା, ତାହା ହେଉଛି 'ଓଡିଆ ଜାତୀୟତା' ଯେଉଁଥିପାଇଁ ଆମ ପୂର୍ବଜମାନେ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି । ତାଙ୍କର ସେହି ତ୍ୟାଗ, ବଳିଦାନ କେବେହେଲେ ବ୍ୟର୍ଥ ଯିବ ନାହିଁ । ତାଙ୍କର ସ୍ୱପ୍ନର ଓଡ଼ିଶା ବର୍ତ୍ତମାନର ନୂତନ ସରକାର ନିର୍ମାଣ କରିବେ ଏବଂ ସାଢେ ଚାରିକୋଟି ରାଜ୍ୟବାସୀ ଏହି ଯଜ୍ଞରେ ସ୍ୱତଃପ୍ରବୃତ ଭାବେ ମନପ୍ରାଣରେ ସାମିଲ ହେଉଛନ୍ତି । ଆଗାମୀ ଦଶନ୍ଧି ହେବ 'ଓଡ଼ିଶାର ଦଶନ୍ଧି', ଏଥିରେ ତିଳେ ମାତ୍ର ସଂଶୟ ନାହିଁ ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଶକ୍ତି ପୂଜାର ମାର୍ଜନା ପରମ୍ପରା

**ଡ଼ ସୀତାକାନ୍ତ ତ୍ରିପାଠୀ**

ଶକ୍ତି ଉପାସନାରେ ମାର୍ଜନା ପରମ୍ପରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସାଧାରଣ ଭାବେ ଜୀବନର ସୁଖ, ଦୁଃଖ, ହାନୀ, ଲାଭ ସମୟରେ ମଣିଷର ମନ ଚହଲି ଯାଇଥାଏ । ସୁଖ ସମୟରେ ମଣିଷ ପକ୍ଷରେ ଭଲ, ମନ୍ଦର ବିଚାର କରିବା କଷ୍ଟକର । ବେଳେବେଳେ ଔଦ୍ଧତ୍ୟର ସୀମା ଲଂଘନ କରି ସିଏ ଧରାକୁ ସରା ମଣିଥାଏ । ତା'ର ଇନ୍ଦ୍ରିୟମାନେ ନିୟନ୍ତ୍ରଣ ବାହାରକୁ ଯିବା ଫଳରେ ବ୍ୟକ୍ତିଗତ, ପାରିବାରିକ ଏବଂ ସାମାଜିକ ଜୀବନ ବିଶୃଙ୍ଖଳିତ ହୋଇ ପଡ଼ିଥାଏ ।

ବେଳେବେଳେ ମଣିଷ ନିଜ ଜୀବଦ୍ଦଶାରେ ଏ ସବୁ କର୍ମଗୁଡ଼ିକର କୁଫଳଗୁଡ଼ିକୁ ବୁଝିବାରେ ଅସମର୍ଥ ଥିବାବେଳେ ଆଉ ବେଳେବେଳେ ଦୁଃଖ ପଡ଼ିଲେ ଯାଇ ମଣିଷ ନିଜର ଉକ୍ତ କୃତକର୍ମଗୁଡ଼ିକ ବିଷୟରେ ଭାବି ଅନୁତାପ ଅନଳରେ ଦଗ୍ଧିଭୂତ ହେବା ସହିତ ସେଗୁଡ଼ିକ ମଧ୍ୟରେ ସଂସ୍କାର ଆଣିବା ପାଇଁ ପ୍ରୟାସ କରିଥାଏ । ଅନେକ ଜ୍ଞାନୀ ଗୁଣି ଲୋକମାନେ ମଧ୍ୟ ନିଜ ଜାଣତରେ ବା ଅଜଣାତରେ କାୟ, ମନ, ବାକ୍ୟ ତଥା କର୍ମ ଦ୍ୱାରା କାହାର କାଳେ କିଛି କ୍ଷତି ସାଧନ ହୋଇଥିବ ବୋଲି ଭାବି ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରିଥାଆନ୍ତି ।

ମା' ହେଉଛି ସର୍ବଂ ସହା ତେଣୁ ତାରି ପାଖରେ ନିଜର ଦୋଷ ଗୁଡ଼ିକୁ ସ୍ୱୀକାର କରି ମାର୍ଜନା ପାଇଁ ପ୍ରାର୍ଥନା କରିବାର ପ୍ରୟାସରୁ ହିଁ ମାର୍ଜନାର ପରମ୍ପରା ଆରମ୍ଭ ହୋଇଛି ବୋଲି ବିଚାର କରାଯାଇଥାଏ । ବେଳେବେଳେ ବ୍ୟକ୍ତିଗତ କାରଣରୁ ଦେବୀ ପୀଠମାନଙ୍କରେ ମାର୍ଜନା କରାଯାଉଥିବାବେଳେ ଆଉ କେତେବେଳେ ସାର୍ବଜନୀନ ଭାବେ ଏହା ଆୟୋଜନ କରାଯାଇଥାଏ । ସାଧାରଣଭାବେ ମଙ୍ଗଳବାର, ଗୁରୁବାର, ଶନିବାର, ସଂକ୍ରାନ୍ତି, ଅମାବାସ୍ୟା, ପୂର୍ଣ୍ଣିମା ତଥା ବିଭିନ୍ନ ଦେବୀ ଓଷା ଉପବାସ ତିଥିମାନଙ୍କରେ ଏହାର ଆୟୋଜନ କରାଯାଇଥାଏ ।

**ମାଆଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଯାଇ ତାଙ୍କୁ ବିଭିନ୍ନ ମନ୍ତ୍ରରେ ପୂଜା କରାଯାଇ ସାରିବା ପରେ ଭକ୍ତି ନିବେଦନ ପୂର୍ବକ ନିଜର ଦୋଷତ୍ରୁଟିଗୁଡ଼ିକୁ କ୍ଷମା କରି ସତ୍ ମାର୍ଗରେ ପରିଚାଳିତ କରିବା ପାଇଁ ପ୍ରାର୍ଥନା କରାଯାଇଥାଏ । କେତେବେଳେ ଏହା ସାଂସାରିକ ଦୁଃଖ ଗୁଡ଼ିକରୁ ମୁକ୍ତି ପାଇବା ପାଇଁ ହୋଇପାରେ କିମ୍ବା ନିଜ ମାନସିକ ପୂର୍ଣ୍ଣ ହୋଇ ସାରିବା ପରେ ଏହା କୃତଜ୍ଞତାର ସନ୍ତକ ସ୍ୱରୂପ ଆୟୋଜନ କରାଯାଇଥାଏ ।**

ମାଆଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଯାଇ ତାଙ୍କୁ ବିଭିନ୍ନ ମନ୍ତ୍ରରେ ପୂଜା କରାଯାଇ ସାରିବା ପରେ ଭକ୍ତି ନିବେଦନ ପୂର୍ବକ ନିଜର ଦୋଷତ୍ରୁଟିଗୁଡ଼ିକୁ କ୍ଷମା କରି ସତ୍ ମାର୍ଗରେ ପରିଚାଳିତ କରିବା ପାଇଁ ପ୍ରାର୍ଥନା କରାଯାଇଥାଏ ।

କେତେବେଳେ ଏହା ସାଂସାରିକ ଦୁଃଖ ଗୁଡ଼ିକରୁ ମୁକ୍ତି ପାଇବା ପାଇଁ ହୋଇପାରେ କିମ୍ବା ନିଜ ମାନସିକ ପୂର୍ଣ୍ଣ ହୋଇ ସାରିବା ପରେ ଏହା କୃତଜ୍ଞତାର ସନ୍ତକ ସ୍ୱରୂପ ଆୟୋଜନ କରାଯାଇଥାଏ । ଆଧ୍ୟାତ୍ମିକ ବାଦୀ ଏବଂ ତାନ୍ତ୍ରିକମାନେ ଲୋକାଚାର ମତରେ ମାର୍ଜନାର ଆୟୋଜନ ନକରି ଗୁପ୍ତ ଭାବରେ ଏଗୁଡ଼ିକ ଆୟୋଜନ କରିଥାଆନ୍ତି ବୋଲି ଲୋକ କଥା ରହିଛି ।

ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ନିଜର ଅଭୀଷ୍ଟ ପୂର୍ଣ୍ଣ କରିବା ଲକ୍ଷ୍ୟରେ ଦେବୀ ପୀଠମାନଙ୍କରେ କିମ୍ବା ଦେବୀ ପୂଜାମାନଙ୍କରେ ବଳୀ ଦିଆଯାଇଥାଏ ଯାହା ତାନ୍ତ୍ରିକମାନଙ୍କର କଳା କାରନାମା ବୋଲି ବିଚାର କରାଯାଉଥିଲେ ମଧ୍ୟ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବ ତଥା ଜନ ସମର୍ଥନରୁ ଉକ୍ତ ପ୍ରଥା ବର୍ତ୍ତମାନ ପର୍ଯ୍ୟନ୍ତ ଉଦ୍‌ଜୀବିତ ରହି ଆସିଛି ।

ଆଧ୍ୟାତ୍ମିକବାଦୀମାନଙ୍କ ମତରେ ମାର୍ଜନା ମାଧ୍ୟମରେ ଦେବୀଙ୍କ ଆଗରେ ନିଜର ଦୋଷ ତ୍ରୁଟିକୁ ସ୍ୱୀକାର କରିସାରିବା ପରେ ସେଗୁଡ଼ିକର ଯେମିତି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଯତ୍ନବାନ ହେବାର ଅଛି । ନହେଲେ 'ଗୋଇଠା ମାରି ବିଷ୍ଣୁ କହିବା' ସାର ହେବ ।

ଅନ୍ୟ ପକ୍ଷରେ ପୂର୍ବରୁ ଆମ ସମାଜରେ ବିଭିନ୍ନ ମହାମାରୀ ଯଥା ହଇଜା, ବସନ୍ତ, ହାଡ଼ଫୁଟି ଆଦି ରୋଗ ବ୍ୟାପିଲେ ଏହା ଦେବୀଙ୍କର କୋପରୁ ହେଉଛି ବୋଲି ବିଚାର କରାଯାଇ ଗ୍ରାମ ଦେବତୀଙ୍କ ପୀଠରେ ପୂଜା କରାଯିବା ସହିତ ମାର୍ଜନା ଆୟୋଜନ କରାଯାଉଥିଲା ଯାହା ବୈଜ୍ଞାନିକ ଚିନ୍ତାଧାରା ତଥା ଚିକିତ୍ସା ଶାସ୍ତ୍ରର ପରିପନ୍ଥୀ ।

ଭକ୍ତି, ଶକ୍ତି, ମୁକ୍ତିର ଆଧାରରେ ଆୟୋଜିତ ହେଉଥିବା ମାର୍ଜନାରେ ମଧ୍ୟ ସାମାଜିକତା ବସା ବାନ୍ଧିଥାଏ । ଉକ୍ତ ପ୍ରଥା ଓ ପରମ୍ପରାକୁ ସମ୍ମାନ ଦେବା ଆଳରେ ଗ୍ରାମବାସୀମାନଙ୍କ ମଧ୍ୟରେ ଏକତା ବଜାୟ ରହିବାରେ ଏହା ସାହାଯ୍ୟ କରିବା ସହିତ ନିଜ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ କାଢ଼ି ସାମୂହିକ କାର୍ଯ୍ୟରେ ସମୟ ବିତାଇବା ଦ୍ୱାରା ଲୋକମାନେ କେବଳ ଆନନ୍ଦ ପାଆନ୍ତି ନାହିଁ ବରଂ ଦୈନନ୍ଦିନ କର୍ମ ବନ୍ଧନରୁ ଆସୁଥିବା ବିଭିନ୍ନ ବିଯୁକ୍ତାତ୍ମକ ଚିନ୍ତାଧାରାଗୁଡ଼ିକ ପରିମାର୍ଜିତ ହେବା ପାଇଁ ଏହା ଖୋରାକ୍ ଯୋଗାଇ ଥାଏ ।

**ଭଦ୍ରକ,**
**ମୋ– ୯୭୭୮୭୬୪୩୯୪**

# ଲିଭର ବାୟୋପ୍ସିର ଆବଶ୍ୟକତା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଯକୃତ । ଏହା ଆମେ ଖାଉଥିବା ଖାଦ୍ୟର ସାର ଅଂଶକୁ ଶରୀରର ବ୍ୟବହାର ଉପଯୋଗୀ କରିବା ସହ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ । କିନ୍ତୁ ପରିବର୍ତ୍ତିତ ଜୀବନ ଶୈଳୀ ତଥା ଖାଦ୍ୟପେୟର ଅନିୟମିତତା ଯୋଗୁଁ ଯକୃତ ରୋଗ, ମଧୁମେହ, ରକ୍ତଚାପ ବୃଦ୍ଧି ପାଇ ଚାଲିଛି। ମଦ୍ୟପାନ ଏବଂ ମେଦବହୁଳତା ମଧ୍ୟ ଯକୃତ ରୋଗର ଏକ ପ୍ରମୁଖ କାରଣ । ତେଣୁ ଯକୃତ ଜନିତ ସମସ୍ୟା ହେଲେ ଶରୀରରେ କ'ଣ ସବୁ ଲକ୍ଷଣ ଦେଖାଯାଏ ଏବଂ କାହିଁକି ଯକୃତର ବାୟୋପ୍ସି ପରୀକ୍ଷା କରାଯାଏ ସେହି ସମ୍ପର୍କରେ ଆଜିର ଛୋଟିଆ ଆଲୋଚନାଟି ରଖୁଛୁ।

ଜଣେ ସୁସ୍ଥ ରହିବା ପାଇଁ ତାର ଯକୃତ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ରହିବା ଜରୁରୀ। ତେବେ କୌଣସି କାରଣବଶତଃ ଶରୀରର ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଯକୃତଟି ଖରାପ ହେଲେ ସହଜରେ ଏହାର ଲକ୍ଷଣ ଜଣା ପଡ଼ିନଥାଏ । ଶରୀର ହଳଦିଆ ପଡ଼ିଯିବା, ଥକ୍କାପଣ ଅନୁଭବ, ପେଟ ଦରଜ, ଭୋକ ନଲାଗିବା, ଓଜନ କମିବା, ଖାଦ୍ୟ ହଜମ ନହେବା, ପେଟ ଫମ୍ପେଇ ଫୁଲିଯିବ, ବାନ୍ତି ଲାଗିବା, ପରିସ୍ରା ଓ ନଖରଙ୍ଗରେ ପରିବର୍ତ୍ତନ, ତ୍ୱଚା କୁଣ୍ଡାଇବା ଆଦି ଲକ୍ଷଣ ଦେଖାଯାଏ । ଯକୃତ ଜନିତ ରୋଗର ଯାଞ୍ଚ ପାଇଁ ବିଭିନ୍ନ ପ୍ରକାର ଟେଷ୍ଟ କରାଯାଉଥିବାବେଳେ ସ୍ଥିତି ଅତି ଗମ୍ଭୀର ହେଲେ ରୋଗର ସଠିକତା ଓ ସ୍ଥିତି ଯାଞ୍ଚ ପାଇଁ ଲିଭର ବାୟୋପ୍ସି କରାଯାଇଥାଏ।

ଲିଭର ବାୟୋପ୍ସି ଟେଷ୍ଟ ଏକ ମେଡ଼ିକାଲ ଯାଞ୍ଚ ପ୍ରକ୍ରିୟା । ଏଥିରେ ଯକୃତରୁ ଛୋଟ ମାଂସ ଖଣ୍ଡକୁ ନେଇ ଲ୍ୟାବରେ ପରୀକ୍ଷା କରାଯାଏ । ଯାହା ମାଧ୍ୟମରୁ ଯକୃତର ସ୍ଥିତି, ରୋଗ ଓ ଚିକିତ୍ସା ବିଷୟରେ ସହଜରେ ଜଣାପଡ଼ିଥାଏ । ସାଧାରଣତଃ କର୍କଟ, ଲିଭର ସିରୋସିସ, ହେପାଟାଇଟିସ୍, ଫ୍ୟାଟିଲିଭର, ଯକୃତ ଅଚଳ, ଯକୃତ କର୍କଟ, ଯକୃତରେ ଔଷଧର ପାର୍ଶ୍ୱପ୍ରତିକ୍ରିୟାଜନିତ ପ୍ରଭାବ ଆଦି ଯାଞ୍ଚ ପାଇଁ ଯକୃତ ବାୟୋପ୍ସି ଟେଷ୍ଟ କରାଯାଏ । ଡାକ୍ତର ନମୁନା ନେବା ପୂର୍ବରୁ ରୋଗୀଙ୍କୁ କିଛି ସତର୍କତା ଅବଲମ୍ବନ କରିବାକୁ କୁହନ୍ତି ।

ଲିଭର ବାୟୋପ୍ସି ପରୀକ୍ଷା ବିଭିନ୍ନ ପ୍ରକାରର ରହିଛି । ଯଥା– ପରକ୍ୟୁଟେନିୟସ ଲିଭର ବାୟୋପ୍ସି ଟେଷ୍ଟ, ଟ୍ରନସଜୁଗଲର ଲିଭର ବାୟୋପ୍ସି ଟେଷ୍ଟ, ଲାପ୍ରୋସ୍କୋପିକ ବାୟୋପ୍ସି ଟେଷ୍ଟ ଇତ୍ୟାଦି । ଏହି ବାୟୋପ୍ସି କରାଯିବାର କିଛି ଘଣ୍ଟା ପୂର୍ବରୁ ଖାଲି ପେଟରେ ରହିବାକୁ ପରାମର୍ଶ ଦିଆଯାଇଥାଏ । ଆରାମ କରିବାକୁ ଔଷଧ ଦିଆଯାଏ ପରେ ଡାକ୍ତର ସାମ୍ପୁଲ ନେଇଥାନ୍ତି । ଯଦିଓ ଯକୃତ ବାୟୋପ୍ସି ଏକ ସୁରକ୍ଷିତ ଯାଞ୍ଚ ବୋଲି ବିବେଚନା କରାଯାଏ ତେବେ କିଛି ଜଣଙ୍କ ଠାରେ ଯନ୍ତ୍ରଣା, ରକ୍ତସ୍ରାବ, ସଂକ୍ରମଣ ଆଦି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ । ତେଣୁ ବାୟୋପ୍ସି ପରେ ରୋଗୀର ସଠିକ ଯତ୍ନ ଜରୁରୀ । ବାୟୋପ୍ସି ସ୍ଥାନକୁ ଶୁଖିଲା ରଖିବା ଆବଶ୍ୟକ । ଏ କ୍ଷେତ୍ରରେ ଲିଭର ବିଶେଷଜ୍ଞ ବା ହେପାଟାଲୋଜିଷ୍ଟଙ୍କ ପରାମର୍ଶ ଓ ସହାୟତା ନିଅନ୍ତୁ । ଯନ୍ତ୍ରଣା ଅଧିକ ସମୟ ରହିଲେ ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯନ୍ତ୍ରଣା ଦୂର କରିବାର ଔଷଧ ଗ୍ରହଣ କରିପାରିବେ । ଏହି ସମୟରେ ରୋଗୀକୁ ଭାରି ସାମଗ୍ରୀ ଉଠାଇବାକୁ ବାରଣ କରାଯାଇଥାଏ । ଯଦି ଶରୀରରେ ଅସାମାନ୍ୟ ଲକ୍ଷଣ ଯଥା– କୌଣସି ଯନ୍ତ୍ରଣା, ବାନ୍ତି, ଜ୍ୱର, ଜଣ୍ଡିସ, ଦେହହାତ ଘୋଳାବିନ୍ଧା, ମୁଣ୍ଡ ବୁଲାଇବା ବା ଅନ୍ୟ କୌଣସି ପାର୍ଶ୍ୱପ୍ରତିକ୍ରିୟା ଜନିତ ଲକ୍ଷଣ ଦେଖୁଥାନ୍ତି ତେବେ ତୁରନ୍ତ ଲିଭର ବିଶେଷଜ୍ଞ ପରାମର୍ଶ ନିଅନ୍ତୁ । ଏହି ସମୟରେ ଥଣ୍ଡା ଖାଦ୍ୟ, ବାସି ଖାଦ୍ୟ, ଆମିଷ ଖାଦ୍ୟ, ଅତ୍ୟଧିକ ଗରମ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । କୌଣସି ପ୍ରକାର ନିଶାଦ୍ରବ୍ୟ ସେବନରୁ ବିରତ ରୁହନ୍ତୁ । କଷ୍ଟକର ଶାରୀରିକ ପରିଶ୍ରମ କରନ୍ତୁ ନାହିଁ କିମ୍ବା କୌଣସି ରାତି ଅନିଦ୍ରା ଜନିତ କାର୍ଯ୍ୟ କରନ୍ତୁ ନାହିଁ । ସେହିପରି ଅଧିକ କ୍ୟାଲୋରୀ ଖର୍ଚ୍ଚ ହେଉଥିବା କଠିନ ବ୍ୟାୟାମ ଆଦିରୁ ନିବୃତ୍ତ ରୁହନ୍ତୁ । ନିଜ ଉପରେ ଭରସା ରଖନ୍ତୁ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଉପରେ ବିଶ୍ୱାସ ରଖିବା ସହ ତାଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ଜାରି ରଖନ୍ତୁ ଦେଖିବେ ଆପଣ ନିଶ୍ଚିନ୍ତ ଉପଶମ ପାଇବେ ।

**ସହ–ପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ– ୯୪୩୭୦୫୧୯୫୭**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

## ଏପ୍ରିଲ-ଜୁନ୍‌ରେ...

ଏପ୍ରିଲରୁ ଜୁନ୍ ମଧ୍ୟରେ ଅଧିକ ତାପମାତ୍ର ରହିବ । ପଶ୍ଚିମ ଓ ପୂର୍ବ ଭାରତରେ କେତେକ ଅଞ୍ଚଳରେ ସ୍ୱାଭାବିକ ତାପମାତ୍ରା ହୋଇପାରେ । ଉତ୍ତର ଓ ପୂର୍ବ ଭାରତ ଓ କେନ୍ଦ୍ରୀୟ ଭାରତରେ ଏହି ମାସ ମଧ୍ୟରେ ୨ରୁ ୪ ଦିନ ଅଧିକ ଗ୍ରୀଷ୍ମ ପ୍ରଭାବ ଦେଖିବାକୁ ମିଳିବ । ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଉତ୍ତର-ପଶ୍ଚିମ ଭାରତରେ ଗ୍ରୀଷ୍ମ ଋତୁରେ ଗ୍ରୀଷ୍ମ ଲହରୀର ଦିନ ଦ୍ୱିଗୁଣିତ ହୋଇପାରେ । ସ୍ୱାଭାବିକ ଭାବେ ଏହି ଋତୁରେ ୫ରୁ ୬ ଦିନ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିଥାଏ । ରାଜସ୍ଥାନ, ଗୁଜରାଟ, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁର ଉତ୍ତରାଞ୍ଚଳରେ ଗ୍ରୀଷ୍ମପ୍ରବାହ ଅଧିକ ହୋଇଥାଏ । ଏପ୍ରିଲରେ ଭାରତରେ ସର୍ବାଧିକ ତାପମାତ୍ର ବୃଦ୍ଧି ହୋଇଥିବାର ଦେଖିବାକୁ ମିଳିଥାଏ । ସର୍ବନିମ୍ନ ତାପମାତ୍ର ସ୍ୱାଭାବିକ ଠାରୁ ଅଧିକ ହୋଇଥାଏ । ଉତ୍ତର, ପଶ୍ଚିମ ଓ ଉତ୍ତର, ପୂର୍ବର କେତେକ ଅଞ୍ଚଳରେ ତାପମାତ୍ର ସ୍ୱାଭାବିକ ବା ସ୍ୱାଭାବିକ ଠାରୁ କମ୍ ରହିଥାଏ । ତେବେ ଏପ୍ରିଲରେ ଉତ୍ତର-ପୂର୍ବ ରାଜ୍ୟ ଗୁଡିକରେ ଭଲ ବର୍ଷା ଦେଖିବାକୁ ମିଳିବ ।

## ମହିଳା...



ରେଣୁକାର ବହୁ ସହଯୋଗୀ ଶରସ୍ୱତୀ, ଦମୟନ୍ତୀ ଓ ଚଇତି ୧୯୯୬ରୁ ମାଓ କାର୍ଯ୍ୟକଳାପ ଚଳାଇଥିଲେ । ଛତିଶଗଡରେ ୨୫ ଲକ୍ଷ ଟଙ୍କା ତାଙ୍କ ମୁଣ୍ଡ ଉପରେ ପୁରସ୍କାର ରାଶି ଲଗାଯାଇଥିଲା । ଆନ୍ଧ୍ରରେ ମଧ୍ୟ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଦଣ୍ଡାକାରଣ୍ୟ ସ୍ପେଶାଲ ଜୋନାଲ କମିଟି ଓ କେନ୍ଦ୍ରୀୟ ଆଞ୍ଚଳିକ ବ୍ୟୁରୋକୁ ଏମାନେ ପରିଚାଳନା କରୁଥିଲେ । ମାଓବାଦୀଙ୍କ ଦ୍ୱାରା ପ୍ରକାଶିତ ପ୍ରଭାତ ପତ୍ରିକାରେ ସେ ସମ୍ପାଦକ ଥିଲେ । ବସ୍ତର ପୋଲିସ ମୁଖ୍ୟ ସୁନ୍ଦରରାଜ ପି କହିଛନ୍ତି ଯେ ଆଜି ପୂର୍ବାହ୍ନ ୯ଟାରୁ ଗୁଇନ୍ଦା ବିଭାଗ ସୂଚନା ଆଧାରରେ ନକ୍ସଲ ବିରୋଧୀ ଅପରେସନ୍ ଆରମ୍ଭ ହୋଇଥିଲା । ପ୍ରାୟ ୨ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା । ଏନ୍‌କାଉଣ୍ଟର ସରିବା ପରେ ଜଣେ ମହିଳା ମାଓବାଦୀର ମୃତଦେହ ମିଳିଥିଲା । ପରେ ତାକୁ ରେଣୁକା ବୋଲି ଚିହ୍ନଟ କରାଯାଇଥିଲା । ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ଗୋଟିଏ ଇନ୍‌ସାସ୍ ରାଇଫଲ, ମାଗାଜିନ୍, ଗୁଳିଗୁଳା, ଲାପ୍‌ଟପ୍ ଓ ମାଓବାଦୀଙ୍କ ପୁସ୍ତିକା ଜବତ କରିଛନ୍ତି । ରେଣୁକା ତେଲେଙ୍ଗାନାର ୱାରଙ୍ଗଲ ଜିଲ୍ଲାର କାଡାଭେଣ୍ଡି ଗ୍ରାମର । ସେ ଆଇନ୍‌ରେ ସ୍ନାତକ କରିଛି । ୩ ଦଶନ୍ଧି ଧରି ସେ ମାଓ ଆନ୍ଦୋଳନ ସହ ସାମିଲ ଥିଲା । ଅଧିକାଂଶ ସମୟ ସେ ବରିଷ୍ଠ ମାଓନେତା କ୍ରିଷ୍ଣା ଆନ୍ନାଙ୍କ ସହ ବିତାଇଛି । ୨୦୦୩ରେ ତାର ମାଓବାଦୀ ପଦବୀକୁ ପଦୋନ୍ନତି କରାଯାଇଥିଲା । ୨୦୦୬ରେ ସେ ଦକ୍ଷିଣ ବସ୍ତରରେ ସକ୍ରିୟ ହୋଇଥିଲା । ୨୦୧୩ରେ ସେ ମ୍ୟାଡ୍ ଅଞ୍ଚଳକୁ ଗତି କରିଥିଲା । କୋଭିଡ-୧୯ରେ ରମଣାର ମୃତ୍ୟୁ ପରେ ସେ କେନ୍ଦ୍ରୀୟ ଆଞ୍ଚଳିକ ବ୍ୟୁରୋର ପ୍ରେସ୍ ଟିମ୍ ଦାୟିତ୍ୱ ନେଇଥିଲା । ଅନେକ ମାଓ ପତ୍ରିକା ଯଥା ପ୍ରଭାତ, ମହିଳା ମାର୍ଗ, ଆୱାମି ଜଙ୍ଗ୍, ଝଙ୍କାର ଆଦି ନିୟମିତ ଭାବେ ତା'ର ତତ୍ତ୍ୱାବଧାନରେ ପ୍ରକାଶ ପାଉଥିଲା । ଏଥିରେ ମାଓବାଦୀଙ୍କ ବିଚାରଧାରାକୁ ପ୍ରସାରିତ କରାଯାଉଥିଲା । ସେ ମଧ୍ୟ ୨୦୦୫ରେ କେନ୍ଦ୍ରୀୟ ବ୍ୟୁରୋ ସଦସ୍ୟ ସାନ୍ କୁମାରୀ ଆପ୍ପାରାଓ ଓରଫ ରବିକୁ ବିବାହ କରିଥିଲା । ଆନ୍ଧ୍ରର ନାଲ୍‌ମଲ୍ଲା ଜଙ୍ଗଲରେ ହୋଇଥିବା ଏନ୍‌କାଉଣ୍ଟରରେ ୨୦୧୦ରେ ରବି ମୃତ୍ୟୁବରଣ କରିଥିଲା ।

## ଆଜିଠୁ...

କୋରାପୁଟ, ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବଲାଙ୍ଗୀର ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ଘଡ଼ଘଡ଼ି ସହଜିତ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲା ଗୁଡ଼ିକରେ ଘଣ୍ଟା ପିଛା ପବନର ବେଗ ୩୦ରୁ ୪୦ କିମି ବୋହିବାର ସମ୍ଭାବନା ରହିଛି ।

୨ ତାରିଖରୁ ବର୍ଷାର ପରିମାଣ ବିଢ଼ବ ଅର୍ଥାତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ପ୍ରଭାବ ରହିବ । ୨ ତାରିଖରେ ବିଜୁଳି ସହିତ ବର୍ଷାକୁ ନେଇ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବୌଦ୍ଧ, ଅନୁଗୁଳ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ସୁନ୍ଦରଗଡ ଆଦି ୧୩ ଜିଲ୍ଲାକୁ ୟେଲୋ ୱର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବୋହିବାର ସମ୍ଭାବନା ରହିଛି । ୨, ୩ ଓ ୪ ତାରିଖରେ ଏଭଳି ବର୍ଷା ସମ୍ଭାବନା ଥିବା ବେଳେ ୪ ପରେ ପୁଣି ଧୀରେ ଧୀରେ ଖରା ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

୩ରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ଝଡ଼ ତୋଫାନ ସହିତ ପବନର ବେଗ ଘଣ୍ଟା ପ୍ରତି ୫୦-୬୦ କିମି ରହିପାରେ । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୪ରେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ କାଳବୈଶାଖୀ ବର୍ଷା ପାଇଁ ୟୋଲୋ ୱର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାଗୁଡ଼ିକର ସ୍ଥାନେ ସ୍ଥାନେ ବିଜୁଳି ମାରିବା ସହିତ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିମି ରହିବ । ଏହାସହ କନ୍ଧମାଳ, ଢେଙ୍କାନାଳ ଓ ବୌଦ୍ଧ ଜିଲ୍ଲା ସ୍ଥାନେ ସ୍ଥାନେ ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ । ଏହି ସମୟରେ ପବନ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ବୋହିପାରେ ।

## ଭୂକମ୍ପ...

ବ୍ୟକ୍ତିଙ୍କ ଲାଗି ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି । ମିଆଁମାର ଭୂକମ୍ପର ତୀବ୍ରତା ୭.୭ ଥିଲା । ଏକ ହୋଟେଲରୁ ଜଣେ ମହିଳାଙ୍କୁ ଘୋଷାଡ଼ି ଘୋଷାଡ଼ି ଉଦ୍ଧାର କରାଯାଉଥିବା ଦେଖିବାକୁ ମିଳିଥିଲା । ୩ ଦିନ ପରେ ବି ଉଦ୍ଧାର କାର୍ଯ୍ୟ ଶେଷ ହେଉନାହିଁ । ତେବେ ଭଗ୍ନସ୍ତୂପ ତଳେ କିଛି ଲୋକ ବଞ୍ଚିଥିବା ନେଇ ଆଶା କରାଯାଉଛି । ବ୍ୟାଙ୍କକ୍‌ରେ ମଧ୍ୟ ୭୬ ଜଣ ନିର୍ମାଣଧୀନ ସ୍କାଏ ସ୍କର୍ପରରେ ଫସି ରହିଥିବା ଅନୁମାନ କରାଯାଉଛି । ୩ ଦିନ ପରେ ବି ଏ ପର୍ଯ୍ୟନ୍ତ ଭୟ ଯାଇନାହିଁ । ଉଦ୍ଧାରକାରୀ ଦଳ ଅଧିକରୁ ଅଧିକ ମୃତଦେହ ଠାବ କରୁଛନ୍ତି । ଥାଇଲାଣ୍ଡରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିପାରେ । ରବିବାର ସୁଦ୍ଧା ଏହା ୧୮ରେ ରହିଛି । ଭାରତ ସମେତ ବିଭିନ୍ନ ଅନ୍ତଃରାଷ୍ଟ୍ରୀୟ ସଂଗଠନ ଓ ଆମେରିକା ପକ୍ଷରୁ ମିଆଁମାରକୁ ଟନ୍ ଟନ୍ ରିଲିଫ ସାମଗ୍ରୀ ଦିଆଯାଉଛି । ଏହି ରିଲିଫ ସାମଗ୍ରୀ ବଣ୍ଟନରେ ଏକ ଗୃହ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି । ତେବେ ଗୋଟିଏ ମସ୍‌ଜିଦ୍‌ରେ କେତେଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଜଣାପଡ଼ିନାହିଁ । ୬୦ ମସ୍‌ଜିଦ୍ ଧ୍ୱଂସ ହୋଇଯାଇଛି । ଏଥିରେ ୨୦୦୦ରୁ ଅଧିକ ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଉଛି ।

# କରଞ୍ଜିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

କରଞ୍ଜିଆ, (ସବ୍ୟୁ) :ସମସ୍ତ ଜନସାଧାରଣଙ୍କ ପକ୍କାଘର ଆଶା ପୂରଣ ଓ ଆମ ରାଜ୍ୟକୁ ବିକଶିତ କରିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ତେଣୁ ଭିନ୍ନକ୍ଷମ,ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି,ହାତୀ ଉପଦ୍ରବ,ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ଏହି ଯୋଜନାର ମୂଳ ଲକ୍ଷ୍ୟ।୩ ବର୍ଷରେ ଏହି ଯୋଜନାରେ ରାଜ୍ୟରେ ୭୫୫୦ କୋଟି ଟଙ୍କା ବିନିଯୋଗ ଏଂ ସମୁଦାୟ ୬୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଶ୍ରୀକୃଷ୍ଣ ନଗର ପଡ଼ିଆ,ରିସିଗାଁ ଭବାନୀପାଟଣା କଳାହାଣ୍ଡି ଠାରେ ଆଭାଷୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ ହେବ। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବ୍ଲକ ପକ୍ଷରୁ ଏହାର କାର୍ଯ୍ୟାଳୟ ପରିସରରେ ଆଜି ଏହାର ଶୁଭାରମ୍ଭ ଉତ୍ସବ ମଧ୍ୟ ଅନୁଷ୍ଠିତ ହେଉଛିଛ ଏହି ଅବସରରେ କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାୟକ, କରଞ୍ଜିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାଏକ, ଦେବେନ୍ଦ୍ର ମହାନ୍ତ, ଆଶିଷ ମହାନ୍ତ ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଓ କର୍ମଚାରୀ ମାନେ ଉପସ୍ଥିତ ରହି ବ୍ଲକର ୪୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ।

# ରାମେଶ୍ୱରପୁରର ମା'ରକ୍ଷାକାଳୀଙ୍କ ବାର୍ଷିକ ପୂଜାରେ ୬ଶହ ଛାଗ ଉସର୍ଗ

ଦୋବଲ,(ସବ୍ୟୁ):ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ରାମେଶ୍ୱରପୁରରେ ମା'ରକ୍ଷାକାଳୀ ଅନୁଷ୍ଠିତ ହୋଇଛି। ଶନିବାର ରାତିରୁ ପୂଜା ଆରମ୍ଭ ହୋଇ ରବିବାର ସଂଧ୍ୟା ବିସର୍ଜନ ହୋଇଛି। ମା'ରକ୍ଷାକାଳୀଙ୍କ ପୂଜା କେଉଁ କାଳରୁ ହୋଇଆସୁଛି। ଲୋକ କଥା ଅନୁସାରେ,ସ୍ଥାନୀୟ ଅଂଚଳର ଜଣେ ଜମିଦାର ମା'କାଳୀଙ୍କ ଭକ୍ତ ଥିଲେ। ସେ କୋଲକାତା ଯାଇ ମା'ଙ୍କ ଆରାଧନା କରି ସାଥୀରେ ନେଇ ଆସିଥିଲେ। ତେବେ ରାମେଶ୍ୱରପୁରରେ ମା'ସ୍ୱୟଂ ରହିଯାଇଥିଲେ। ସେଦିନ ଥିଲା ଚୈତ୍ର ମାସ ଅମାବାସ୍ୟାର ପୂର୍ବ ରାତି। ଏଣୁ ସେବେଠାରୁ ଏହିଦିନରେ ମା'ଙ୍କର ପୂଜା ହୋଇ ଆସୁଛି। ସେହିପରି ଲୋକଙ୍କର ବିଶ୍ୱାସ ଯେ,ମା'ଙ୍କ ପାଖରେ ଯିଏ ଯାହା ମାନସିକ କରେ ତାହା ପୂରଣ ହୋଇଥାଏ। ମା'ଙ୍କୁ ମନ୍ଦାର ଫୁଲ ଓ ଗୁଆ ଦେଇ ମାନସିକ କରିଥାନ୍ତି ଲୋକେ। ଦୁରାରୋଗ,ବିବାହ ସମସ୍ୟା,ସନ୍ତାନ ପ୍ରାପ୍ତି,ଯୁଦ୍ଧ ଜିଣିବା,ବେରୋଜଗାରୀଟିଏ ରୋଜଗାର ସୁବିଧା ପାଇଁ ଆସି ଏଠାରେ ମାନସିକ କରିଥାନ୍ତି। ଆଉ ମାନସିକ ପୂରଣ ହେବା ପରେ ଆସି ମା'ଙ୍କ ପାଖରେ ବୋଦା ବଳି ଦେଇଥାନ୍ତି। ହେଲେ କିଛି ବର୍ଷ ହେଲା ପ୍ରଶାସନର ପ୍ରତିବନ୍ଧକ ଯୋଗୁଁ ଏଠାରେ ବଳି ପଡୁନାହିଁ। ତା' ବଦଳରେ ବୋଦାର କାନରୁ ଟିକେ ଛେଦନ କରି ମାଆଙ୍କୁ ଅର୍ପଣ କରାଯାଉଛି। ଶନିବାର ରାତିରେ ସ୍ଥାନୀୟ ଗେଙ୍ଗୁଟି ନଦୀରୁ ଜଳ ନିଆ ଯାଇ ଘଟ ସ୍ଥାପନ ପରେ ମାଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସର୍ବସାଧାରଣ ଭକ୍ତ ମାଙ୍କୁ ଦର୍ଶନ କରିଥିଲେ। ରବିବାର ସକାଳେ ମାଙ୍କ ପୀଠରେ ହୋମ ଯଜ୍ଞ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଧାମନଗର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ମଦଢାଳି ନିଆଁ ଲଗାଇଦେଲେ ମହିଳା ଗୋଷ୍ଠୀ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ କଇଥଗଡିଆ ଗୋଠସାହିରେ ଗ୍ରାମବାସୀ ମାନେ ସୋମବାର ସକାଳେ ବ୍ୟବସାୟୀଙ୍କ ଭାଟି ଉପରେ ଚଢାଉ କରି ୧ଶହରୁ ଉର୍ଦ୍ଧ ଲିଟର ମଦ ଜବତ କରି ଖଇରା ପୋଲିସକୁ ଖବର ଦେଇଥିଲେ । ପୋଲିସ ନହଞ୍ଚିବାରୁ ଶୁଭମ ମହିଳା ଗୋଷ୍ଠୀ ସଦସ୍ୟ ଓ ଅନ୍ୟ ଗ୍ରାମବାସୀ ମିଳିତ ଭାବେ ଉକ୍ତ ଦେଶୀ ମଦକୁ ଢାଳି ନିଆଁ ଲଗାଇ ଦେଇଥିଲେ । ମହିଳା ଗୋଷ୍ଠୀଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି । ଯଦି ଉକ୍ତ ଯଦି ମଦ ସମ୍ପୂର୍ଣ୍ଣ ବନ୍ଦ କରାନଯାଏ କିମ୍ବା ମଦ ମାଫିଆକୁ ଗିରଫ କରାନଯାଏ ତେବେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ କହିଛନ୍ତି ।

# ଜଳିଗଲା ୨ ବଖରା ଘର

ମାହାଙ୍ଗା (ସବ୍ୟୁ) : ସୋମବାର ଅପରାହ୍ନ ଗୋଟାଏରେ ମାହାଙ୍ଗା ବ୍ଲକର ଗୋତର ପଂଚାୟତ ଅଧିନସ୍ଥ ଆପିଲୋ ଗ୍ରାମର ଡଲି ସେଠୀ ସ୍ୱାମୀ ରାମଚନ୍ଦ୍ର ସେଠୀଙ୍କ ୨ବଖରା ଘର ସହିତ ସମସ୍ତ ଆସବାସ ପତ୍ର ଓ ଲକ୍ଷାଧିକ ଟଙ୍କାର ସମ୍ପତି ଜଳି ପାଉଁଶ ହୋଇଥିବା ଜଣାପଡିଛି। ଘରପୋଡି ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନୀଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିଥିଲେ। ବିଲବାଡି କାମକରିବାକୁ ଯାଇଥିବା ସମୟରେ ଘରେ କେହି ନଥିବା ବେଳେ ଅଗ୍ନୀକାଣ୍ଡ ଘଟିଥିଲା। ଖବରପାଇଁ ସ୍ଥାନୀୟ ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା ଓ ଶିକ୍ଷାବିତ୍ ଅକ୍ଷୟ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଂଚିଥିଲେ। ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଅଗ୍ନୀବିପନ୍ନ ପରିବାରକୁ ସହଯୋଗ କରିବା ସହିତ ମାହାଙ୍ଗା ତହସିଲଦାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଦୁର୍ଘଟଣାରେ ବାଇକ ଆରୋହୀ ମୃତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ୫୩ ନମ୍ବର୍ ଜାତୀୟ ରାଜପଥର ଆରୁହା ଗାଙ୍ଗ ପୋଖରି ନିକଟରେ କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନା ମୁତାବକ ବଡ଼ଚଣା ବ୍ଲକ ଅଣକା ଗ୍ରାମର ସୁବାସ ଚନ୍ଦନାୟକ (୫୫) ଦିର୍ଘ ବର୍ଷ ହେବ ଆରୁହା ନିକଟରେ ଭଡା ଘରେ ରହି ଟେଂଟ ବ୍ୟବସାୟ କରୁଥଲେ। ଆଜି ସକାଳେ ସୁବାସ କୌଣସି କାମରେ ନିଜ ମଟର ସାଇକେଲରେ ପାଖର ଛକ ଆଡକୁ ଯାଉଥିବା ବେଳେ ଚଣ୍ଡିଖୋଲ ପଟରୁ ଆସୁଥିବା ଏକ ହ୍ୟୁନଡାଇ କ୍ରେଟା କାର ତାଙ୍କୁ ଧକା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସୁବାସ ଗୁରୁତର ହୋଇ ପଡିଥିଲେ । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଦୁର୍ଘଟଣା ଘଟାଇଥିବା ଉକ୍ତ କାର ଚାଳକ ତାଙ୍କୁ ନେଇ ବଡ଼ଚଣା ମେଡିକାଲରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ସେଠାରେ ପହଁଚି ଦୁର୍ଘଟଣାଗ୍ରସ୍ତ କାର, ବାଇକ ଓ ମୃତଦେହକୁ ଜବତ କରି ବ୍ୟବଛେଦ କରାଇ ଘଟଣା ର ତଦନ୍ତ ଚଳାଇଛି।

# ଥାନାଧିକାରୀଙ୍କୁ ଆକ୍ରମଣ ଘଟଣା, ୧୭ ଗିରଫ

ପାଣିକୋଇଲି,(ସବ୍ୟୁ): ରବିବାର୍ରି ବାଇକ୍ ଚୋରି ଲୁଟେରାଙ୍କୁ ଧରିବାକୁ ଯାଇ କୋରେଇ ପୁଲିସକୁ ହୋଇଥିବା ଆକ୍ରମଣ ଘଟଣାରେ ପୁଲିସ ସୋମବାର ଦିନ କୋରେଇ ଥାନା କେସ୍ ନମ୍ବର ୯୫/୨୫ରେ ମୋଟ ୧୭ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଭାବେ ୫ ଜଣ ପୁରୁଷ ରହିଥିବା ବେଳେ ୧୨ ଜଣ ମହିଳା ଅଛନ୍ତି।

ମୁଖ୍ୟ ଅଭିଯୁକ୍ତମାନେ ହେଲେ କୋରେଇ ଥାନା କନ୍ତୋର ପଂଚାୟତ ପୂର୍ବକୋଟ ଗ୍ରାମ ତେଲେଙ୍ଗାବସ୍ତିର ଆହୁଲା କଟେସ ରାଓ (୬୧), କନ୍ତୋର ସରପଂଚ ସାରଙ୍ଗ ପ୍ରଧାନ (୫୮), ବାବୁ ଦାସ (୬୦), ଗୋପାଳ ଦାସ (୩୭) ଏବଂ ଆହୁଲା ସୋମନାଥ ରାଓ (୨୮)। ସେହିପରି କୋର୍ଟ ଚାଲାଣ ହୋଇଥିବା ମହିଳା ଅଭିଯୁକ୍ତମାନେ ହେଲେ ତେଲେଙ୍ଗାବସ୍ତିର ମେନକା ଦାଶ (୩୨), ସୀମାଦ୍ରି ଦାଶ (୪୦), ମାମି ଦାଶ (୨୫), ପୁଷ୍ପା ଦାଶ (୨୭), ଅରୁଣା ଦାଶ (୪୦), ଆଉଲା ଦେବୀ (୩୫), ଆସନ୍ଧରା ଦାଶ (୨୦), ସାବିତ୍ରୀ ମାଇକେଲ୍ (୪୨), ମାଇକେଲ୍ ଆଡମା (୪୫), ଆସ୍‌ପିନ୍ ରାଓ (୨୫) ଏବଂ ଆଉଲା କବିତା ରାଓ (୨୫)। ସମସ୍ତ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ ପୁଲିସ ଯାଜପୁରରୋଡ଼ ଜେଏମ୍ଏ'ସି କୋର୍ଟରେ ହାଜର କରିବା ପରେ ରଗଡ଼ି ଜେଲ୍‌କୁ ପଠାଇ ଦେଇଛି। ତେବେ କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତଙ୍କ ମାମଲାରେ ପୁଲିସ ଡକାୟତି ଠାରୁ ଆରମ୍ଭ କରି ପୁଲିସ ଗାଡ଼ିକୁ ଆକ୍ରମଣ, ଚୋରି, ସରକାରୀ ସମ୍ପତି ନଷ୍ଟ ଆଦି ମୋଟ ୧୧ଟି ଦ'। ଲଗାଇଛି। ଯାଜପୁର ଜିଲ୍ଲା କୁଆଖିଆ ଥାନା ଅଂଚଳରେ କିଛିଦିନ ତଳେ ହୋଇଥିବା ଏକ ବାଇକ୍ ଚୋରି ମାମଲାରେ ଗତକାଲି କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସଦଳବଳେ ଯାଇଥିବା ବେଳେ ତେଲେଙ୍ଗାବସ୍ତିକୁ ଯାଇ ଦୁଇଜଣ ଅଭିଯୁକ୍ତଙ୍କୁ ଗିର' କରିଥିଲା। ପରେ ତେଲେଙ୍ଗାବସ୍ତିର କିଛି ମହିଳା ଏବଂ ପୁରୁଷ ପୁଲିସ ଉପରେ ଆକ୍ରମଣ କରିଥିଲେ। ଯେଉଁଥିରେ ପୁଲିସ ଭ୍ୟାନ୍ ଭାଙ୍ଗିବା ସହିତ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ସମେତ ଏକାଧିକ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ତେଲେଙ୍ଗାବସ୍ତିରେ ରହୁଥିବା ବହୁ ଲୋକ ଅନ୍ତରାଜ୍ୟ ଡକାୟତି ଠାରୁ ଆରମ୍ଭ କରି ବିଭିନ୍ନ ଚୋରି ମାମଲାରେ ଜଡ଼ିତ ଅଛନ୍ତି। ଏହାସହିତ ପୂର୍ବକୋଟ ଅଂଚଳରେ ଏକର ଏକର ସରକାରୀ ଜମିକୁ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି । ତେଣୁ ଖୁବ୍‌ଶୀଘ୍ର ସେମାନଙ୍କୁ ସେଠାରୁ ଉଚ୍ଛେଦ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥା କରାଯିବ ବୋଲି କୋରେଇ ଥାନାଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି।

# ଶାଶ୍ୱତ ପାହାଚ' ସାହିତ୍ୟ ପର୍ବ




ଭୁବନେଶ୍ୱର ,(ସବ୍ୟୁ) : ସାହିତ୍ୟ ପତ୍ରିକା 'ଶାଶ୍ୱତ ପାହାଚ' ଆନୁକୁଲ୍ୟରେ ରବିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥ ଭାରତୀୟ ବିଦ୍ୟାଭବନ ସଭାକକ୍ଷରେ ଏକ ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ କବି କମଳ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ କବି, କଥାକାର, ସାହିତ୍ୟିକ ତଥା ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ ।ପ୍ରଥମ ଅଧିବେଶନ ଆରମ୍ଭରେ ଦୀପ ପ୍ରଜ୍ୱଳନ ଓ ଶ୍ଳୋକପାଠ ପରେ ଅତିଥିମାନେ ମଞ୍ଚାସୀନ ହୋଇଥିଲେ । କବି ଓ ପ୍ରାବନ୍ଧିକ ସୁବ୍ରତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ମମତା ଦାଶ ସାହିତ୍ୟରେ କବିତାର ଆବଶ୍ୟକତା ଓ ଆଧୁନିକ କବିତାର ସମକାଳୀନତା ପ୍ରସଙ୍ଗରେ ଗଭୀର ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡ. ରମେଶ ପାଣି ସାହିତ୍ୟରେ ମୂଲ୍ୟବୋଧ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ ଛ ସଭାପତି ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଗବେଷଣା ତଥା ପ୍ରବନ୍ଧ ଓ ସମ୍ପାଦନା ସାହିତ୍ୟର ଅନେକ ଅନାଲୋଚିତ ଦିଗ ଛୁଇଁ ଯାଇଥିଲେ।ସାହିତ୍ୟରେ ଉତ୍କର୍ଷତା ପାଇଁ ପ୍ରବନ୍ଧ କ୍ଷେତ୍ରରେ ଡ.ରମାକାନ୍ତ ରାଉତ, କବିତାରେ ରୋହିଣୀକାନ୍ତ ମୁଖାର୍ଜୀ,ଗଳ୍ପରେ ଅନ୍ନପୂର୍ଣ୍ଣା ମହାନ୍ତି, ଅନୁବାଦରେ ଡ. କନକ ମଞ୍ଜରୀ ପଟ୍ଟନାୟକ, ଉଦୀୟମାନ କବି ଭାବରେ ସ୍ୱୟଂପ୍ରଭା ରଥ, ଉଦୀୟମାନ ପ୍ରାବନ୍ଧିକ ଭାବରେ ମାଧବାନନ୍ଦ ପାତ୍ର, ଏବଂ ପ୍ରିୟ ପାଠକ ଭାବରେ ସଂଜୟ କୁମାର ବରାଳ । ଦ୍ୱିତୀୟ ଅଧିବେଶନରେ ଗଳ୍ପ ଓ ଅନୁବାଦ ସଂପାନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଯୁବ ଗାଳ୍ପିକ ମଦନ ମହାପାତ୍ର । ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଅନୁବାଦକ ବଙ୍ଗାଳୀ ନନ୍ଦ ଓ ରମେଶ ପଟ୍ଟନାୟକ ଏବଂ ଗାଳ୍ପିକ ଭାବରେ ଅଜୟ ମହାପାତ୍ର ଓ ଗାୟତ୍ରୀ ଦାସ ପିଙ୍କି । ଶେଷ ଅଧିବେଶନରେ କବି ମିନତୀ ମିଶ୍ର ଓ ବିପ୍ଳବ ରଞ୍ଜନ ପତଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଜୟ ମହାପାତ୍ର, ପ୍ରତିଭା ପରିଡ଼ା, ରାଜଲକ୍ଷ୍ମୀ ତ୍ରିପାଠୀ, ପ୍ରିୟଦର୍ଶିନୀ ମହାରଣା, ସରୋଜ ବଳ, ସଂଯୁକ୍ତା ଦାଶ,ଅକ୍ଷୟ ପାଳ, ସୁବ୍ରତ ଦାସ, ଭିକାରୀ ଧଳ, ଦୀପୁନ୍ ପୁହାଣ, ସୁରଞ୍ଜନ ପାତ୍ର, ଆଶିଷ ମହାପାତ୍ର, ନରହରି ମିଶ୍ର, ରାମଚନ୍ଦ୍ର ପଲାଇ, ଦେବେନ୍ଦ୍ର ବାଉରୀ, ଗିରିଜା ମିଶ୍ର, ଭାରତୀ ନାୟକ, କେ.ବିପ୍ଳବ, ମମତା ସାହୁ, ରବି କୁମାର ମହାନ୍ତି, ଅଶ୍ୱିନୀ ସୁତାର, କାର୍ତ୍ତିକ ସ୍ୱାଇଁ, ରୋହିଣୀକାନ୍ତ ମୁଖାର୍ଜୀ, ସ୍ୱୟଂପ୍ରଭା ରଥ ଓ ପ୍ରଦ୍ୟୁମ୍ନ ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ କବି ଗିରିଜା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

କୁଳିଅଣା ,(ସବ୍ୟୁ) : କୁଳିଅଣା ବ୍ଲକ ଚାନ୍ଦୁଆ ଠାରେ ରବିବାର ଦିନ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କରଯାଇଛି। ପ୍ରଥମେ କଳାହାଣ୍ଡି ଭବାନୀପାଟଣାରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବ ରେ ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମହାନ ଚରଣ ମାଝି ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ କରି ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।ଏହାପରେ କୁଳିଅଣା ବ୍ଲକ ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍ଗିରିପୋଷୀ ବିଧାୟିକାଙ୍କ ପ୍ରତିନିଧି ସୁଗଦା ମୁର୍ମୁ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଦୀପିକା ସିଂ ଉପାଧକ୍ଷା ଅନିମା ସାହୁ ୮ ନମ୍ବର ଓ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗା ଚରଣ ମାରାଣ୍ଡି ,ଆନନ୍ଦ ଚନ୍ଦ୍ର ଟୁଡୁ , ବ୍ଲକ ଉନ୍ନୟନ ଅଫିସର ଜିତେନ୍ଦ୍ର ମୁର୍ମୁ , ତହସିଲଦାର ଦୁର୍ଗା ଚରଣ ମୁର୍ମୁ , ସିଡିପିଓ ଗାୟତ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନା ମାଧ୍ୟମ ରେ ଅସହାୟ ମାନଙ୍କ ମୌଳିକ ଆବଶ୍ୟକତା କୁ ପୁରଣ କରାଯାଇ ପକ୍କା ଗୃହ ଯୋଗାଇ ଦେଏ ଯିବ । ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରୁ ଯୋଉ ମାନେ ଘର ପାଇବାରୁ ବଂଚିତ ହୋଇଛନ୍ତି ଏବଂ ଅତ୍ୟଧିକ ଗରିବ ,ଭିନ୍ନକ୍ଷମ , ବିଧବା , ଘରପୋଡି ରେ ନଷ୍ଟ ହୋଇ ଥିବା ଗୃହ ,କର୍କଟ ଭଳି ମାରାତ୍ମକ ରୋଗ ରେ ପୀଡିତ ଥିବା ବ୍ୟକ୍ତି ,ହାତୀ ଦ୍ୱାରା ବା ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଶିକାର ହୋଇ ବାସ ହୀନ ଲୋକ ମାନଙ୍କ ପକ୍କା ଘୋର ଯୋଗାଇ ଦିଆଯିବ । ବିଧାୟିକାଙ୍କ ପ୍ରତିନିଧି ସହିତ ମଞ୍ଚ ରେ ଉପସ୍ଥିତ ଥିବା ସମସ୍ତ ଅତିଥି ୪୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରି ଥିଲେ ।ବ୍ଲକ ଉନ୍ନୟନ ଅଫିସର ଜିତେନ୍ଦ୍ର ମୁର୍ମୁ ଏହି କାର୍ଯ୍ୟକୁ ସୁଚାରୁ ରୁପେ ପରିଚାଳନା କରିବା ସହ ଏହି ଉତ୍ସବରେ ସମସ୍ତ ସରପଞ୍ଚ, ପିଏସ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an Affidavit sworn in before the Notary, Public Dhenkanal I Ranjan Kumar Dalei S/o late Bhikari Charan Dalei At: Qtr. No.E/15,Housing Board,Bajichouk P.S.Town, Dist-Dhenkanal ,Odisha do hereby solemnly affirm that in my Adhar Card no CMWPD9962J my name is mentioned as Ranjan Kumar Dalei but in my passport No.N9340699 my name is mentioned as Ranjal Dalei. That Ranjan Kumar Dalei and Ranjan Dalei is one and same person and there is no other in the same name in my locality. That this affidevit is required to be produced before the competent authority for correction of my name as Ranjan Kumar Dalei,That, the contents made above are true to the best of my knowledge and belief.

Ranjan Kumar Dalei
Deponent

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ

ଭଦ୍ରକ,(ସବ୍ୟୁ):ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟ୍ରାନ୍ସଜେଣ୍ଡରଙ୍କ ନିମନ୍ତେ ଅଭିନବ ଯୋଜନା ସ୍ୱିକୃତି ପରିକଳ୍ପନା ସମ୍ବନ୍ଧରେ ଆଲୋକପାତ କରିବା ସହିତ ଟ୍ରାନସ୍‌ଜେଣ୍ଡର ମାନଙ୍କୁ ସ୍ୱାବଲମ୍ବୀ କରି ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଏସବୁ କେତେ ଉପଯୋଗୀ ଦର୍ଶାଇଥିଲେ । ଆଗଭଳି ସେମାନଙ୍କ ପ୍ରତି ଅବିଚାର, ଅବହେଳା ମନୋଭାବର ସାମାଜିକ ଚିତ୍ର ବଦଳି ଯାଇଛି । ଆଗକୁ ଏହି ପରିବର୍ତ୍ତନ ପାଇଁ ସାମଗ୍ରୀକ ପ୍ରୟାସ ନିହାତି ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳ, ଭଦ୍ରକ ପୌରପାଳିକା / ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇ ଟ୍ରାନସ୍‌ଜେଣ୍ଡର ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଦିଗରେ ଉଦ୍ଦିଷ୍ଟ ସମସ୍ତ ସରକାରୀ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ସ୍ୱୀକୃତି ଯୋଜନାରେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଭଣ୍ଡାରିପୋଖରୀ ବି.ଏସ୍.ଏସ୍. ଓ ଶାନ୍ତ୍ୱନା ଦାସ, ଟ୍ରାନ୍ସଜେଣ୍ଡର ସୌମ୍ୟା ଦାସ, ଶ୍ରାବଣୀ ମଲ୍ଲିକ୍ ଏହି ଦିବସ ପାଳନ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଦୂରଦର୍ଶନର ଜଣା ଅଜଣାରେ ଏବେର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ପରିଚାଳନାରେ ପୂର୍ବରୁ ପ୍ରସାରିତ ଟ୍ରାନ୍ସଜେଣ୍ଡର ସମାଜ ଉପରେ ଆଧାରିତ ଏକ କାର୍ଯ୍ୟକ୍ରମକୁ ଦୃଶ୍ୟ ଫଳକ ଦ୍ୱାରା ସମସ୍ତଙ୍କ ଉଦ୍ଦେଶ୍ୟରେ ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା । ଟ୍ରାନ୍ସଜେଣ୍ଡର ରଶ୍ମିରଞ୍ଜନ ବେହେରା ଓ ମାନସୀ ଟୁଡୁଙ୍କୁ ପ୍ରମାଣ ପତ୍ର ଓ ପରିଚୟ ପତ୍ର ବଣ୍ଟନ କରାଯିବା ସହ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଚାକିରୀରୁ ଅବସର ଦିନ ଥିବାରୁ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ଉପଢ଼ୌକନ ପ୍ରଦାନ ପୂର୍ବକ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସାହିତ୍ୟ ସଂସଦର ବସନ୍ତ ଉତ୍ସବ

ଖଇରା (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଖଇରା ସାହିତ୍ୟ ସଂସଦର ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଗାୟତ୍ରୀ ମନ୍ତ୍ର ଉଚାରଣ ଓ ଶାନ୍ତି ପାଠ ପରେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରଯାଇଥିଲା । ମାୟାଧର ନାୟକଙ୍କ ସଭାପତିତ୍ୱରେ ଓ ସଙ୍କୀର୍ତ୍ତନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୧୫ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଡ ଅଭୟ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ଚିନ୍ତାମଣି ସାହାଣି ଯୋଗ ଦେଇ ସାହିତ୍ୟ ବଞ୍ଚିଲେ ସଭ୍ୟତା ଓ ସମାଜ ବଞ୍ଚିବ ବୋଲି କହିଥିଲେ । ସମ୍ପାଦକ ରଘୁନାଥ ପତ୍ରୀ ବିବରଣୀ ପାଠ କରିଥିଲେ । ଉଗ୍ରସେନ ମାଝୀ, ମଧୁସୂଦନ ରାଉଳ, ଶଶିକାନ୍ତ ଦାସ, ବସନ୍ତ କୁମାର ଦାସ, ନାରାୟଣ ପ୍ରସାଦ ପେଡା, ଦେବେନ୍ଦ୍ର ରାଉତ,ଗଗନ ବିହାରୀ ପଣ୍ଡା, ଶ୍ରୀଧର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର**

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୫" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ପାଳନ କରାଯାଉଅଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି ।

ସ୍ୱା/- ଶ୍ରୀଯୁକ୍ତ ଜେ. ସୋନାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୬୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।


ବିଧାନସଭା


କମିଶନରେଟ ପୋଲିସ କାର୍ଯ୍ୟାଳୟ


କୃଷିଭବନ

ଉତ୍କଳ ଦିବସ ଉପଲକ୍ଷେ ରାଜଧାନୀରେ ଆଲୋକ ସଜ୍ଜା

### ଅପରାଜିତା ଷଡ଼ଙ୍ଗୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

## ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିଲେ, ଆଉ ସମାଧାନର ପ୍ରତିଶ୍ରୁତି ମଧ୍ୟ ଦେଲେ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଅଧିବାସୀଙ୍କୁ ନେଇ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଯେଉଁଥିରେ ନିଜେ ଅପରାଜିତା ଉପସ୍ଥିତ ରହି ଜଣଜଣ କରି ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କର ସମସ୍ୟା ଶୁଣିଛନ୍ତି । ସଂନ୍ଧ୍ୟା ୫ ଟାରୁ ଆରମ୍ଭ କରି ରାତି ୧୧ଟା ପର୍ଯ୍ୟନ୍ତ ଅନବରତ ଭାବେ ସାଂସଦ ସମସ୍ୟାମାନ ଶୁଣିଥିଲେ । ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠୁ ଆରମ୍ଭ କରି ରାସନ କାର୍ଡ, ଲେବର କାର୍ଡ, ସ୍କୁଲରେ ଆଡମିଶନ, ମେଡ଼ିକାଲ ସମ୍ବନ୍ଧୀୟ ଭଳି ବିଭିନ୍ନ ପ୍ରକାରର ସମସ୍ୟା ନେଇ ମ୍ୟାଡାମ ଅପରାଜିତାଙ୍କ ପାଖରେ ପହଞ୍ଚିଥିଲେ ଅଞ୍ଚଳବାସୀ । ତେବେ ଗ୍ରାମାଞ୍ଚଳରୁ ଅଧିକ ଲୋକ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଆଉ ସମସ୍ୟାମାନ ଶୁଣିବା କ୍ଷଣି ତତକ୍ଷଣାତ୍ ତାର ସମାଧାନ ଲାଗି ପ୍ରୟାସ କରିଛନ୍ତି ଅପରାଜିତା ଷଡ଼ଙ୍ଗୀ । ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଦରକାରସ୍ଥଳେ ତାଗିଦ୍ ମଧ୍ୟ କରିଛନ୍ତି । ଆଉ କିଛି ସମସ୍ୟାର ଆଶୁ ସମାଧାନ ଲାଗି ବିଭିନ୍ନ ବିଭାଗକୁ ଚିଠି ମଧ୍ୟ କରିଛନ୍ତି ଅପରାଜିତା । ଯେମିତିହେଲେ ବି ସମସ୍ତଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ପାଇବା ପରେ ନିଜର ଖୁସିବ୍ୟକ୍ତ କରିଛନ୍ତି ଅଭିଯୋଗକାରୀ । ଆଗରୁ ବିଭିନ୍ନ ସମୟରେ ଅପରାଜିତାଙ୍କ କାର୍ଯ୍ୟାଳୟ ତରଫରୁ ଏମିତି ଜନଶୁଣାଣୀ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି ଛ ଆଉ ଲୋକେ ବି ଏହାର ସୁଫଳ ପାଇଛନ୍ତି । ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ ।



### ପୈତୃକ ଘରକୁ ନେଇ ସାନଭାଇକୁ କଟୁରି ଚୋଟ : ୬ ଗିରଫ

## ପୋଲିସକୁ ଆକ୍ରମଣ, ଥାନା ଗାଡି ଭଙ୍ଗାରୁଜା

ଭୁବନେଶ୍ୱର, (ସବ୍ୟୁ) : ପୈତୃକ ଘର ଦଖଲ କରିବାକୁ ନେଇ ସାନଭାଇକୁ ବଡଭାଇ ଓ ତାଙ୍କ ଦୁଇପୁଅ କଟୁରୀରେ ଆକ୍ରମଣ କରିବାରୁ ସେ ଆହତ ହୋଇଛି । ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଭରତପୁର ବସ୍ତି ଲୋକମାନେ ଆକ୍ରମଣକାରୀ ବଡଭାଇ ଓ ତାଙ୍କ ଦୁଇ ପୁଅକୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ସେମାନେ ଗୋଟିଏ ଘର ଭିତରେ ପଶିଯାଇଥିଲେ । ସାହି ଲୋକମାନେ ସେହି ଘରକୁ ଘେରି ରହିଥିବା ବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଉତ୍ୟକ୍ତ ସାହି ଲୋକଙ୍କ କବଳରୁ ବଡଭାଇ ସୂର୍ଯ୍ୟ ମହାରଣାକୁ ଉଦ୍ଧାର କରି ଥାନାକୁ ଆଣିବା ସମୟରେ ଉତ୍ୟକ୍ତ ସାହି ଲୋକମାନେ ପୋଲିସକୁ ଆକ୍ରମଣ କରିବା ସହ ଥାନା ଗାଡି ଭଙ୍ଗାରୁଜା କରିଛନ୍ତି । ପୋଲିସ ଓ ସାନଭାଇ ସମେତ ଏହି ଘଟଣାରେ ୫ଜଣ ଆହତ ହୋଇଛନ୍ତି । ପୋଲିସ ଉପରକୁ ସାହି ଲୋକମାନେ ଟେକା ପଥର ମାଡ ମଧ୍ୟ କରିଥିଲେ । ସାନଭାଇକୁ ଆକ୍ରମଣ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିବା ବେଳେ ପୋଲିସ ଆକ୍ରମଣ ଘଟଣାରେ କେହି ଗିରଫ ହୋଇନାହାନ୍ତି । ସେମାନେ ଫେରାର ହୋଇଯାଇଥିବାରୁ ତାଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରୁଛି ।

ସୂର୍ଯ୍ୟ ମହାରଣା ଓ ଅଶୋକ ମହାରଣା ଦୁଇଭାଇ । ଦୁଇଭାଇ ଭରତପୁର ସାହିରେ ରହୁଥିବା ବେଳେ ସାନଭାଇ ଘରକୁ ବଡଭାଇ ଦଖଲ କରିବାକୁ ନେଇ ସେମାନଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ହେବାରୁ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଥିଲେ । ରବିବାର କୌଣସି ଘଟଣାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ବଡଭାଇ ସୂର୍ଯ୍ୟଙ୍କ ପରିବାର ସାନଭାଇକୁ କଟୁରୀରେ ଆକ୍ରମଣ କରିଥିଲେ । ସାନଭାଇ ହାତରେ ଗୁରୁତର ଆଘାତ ଲାଗିଛି । ଏହି ଘଟଣା ସମୟରେ ସାହି ଲୋକମାନେ ସେମାନଙ୍କ ଉପରେ ପୂର୍ବରୁ ବିରକ୍ତ ହୋଇଥିବାରୁ ବଡଭାଇକୁ ଘେରିଯାଇଥିଲେ । ବାପ-ପୁଅ ତିିନିଜଣ ସାହି ଲୋକଙ୍କୁ ଆକ୍ରମଣ କରି ଗୋଟିଏ ଘର ଭିତରେ ପଶିଯିବାରୁ ସାହି ଲୋକମାନେ ଘରକୁ ଘେରି ରହିଥିଲେ । ୧୧୨କୁ ସେମାନଙ୍କ ମଧ୍ୟରୁ କେହି ଫୋନ୍ କରି ଘଟଣା ସମ୍ପର୍କରେ କହିବାରୁ ଅବିଳମ୍ୱେ ପିସିଆର୍ ପହଞ୍ଚିବା ସହ ଭରତପୁର ଥାନା ଗାଡି ମଧ୍ୟ ପହଞ୍ଚିଥିଲା ।

## ଦୁଇ ବଙ୍ଗୀୟ ମହିଳା ଗିରଫ, ୫ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ଇଦ୍‌ପର୍ବ ଗହଳିର ସୁଯୋଗ ନେଇ ବଙ୍ଗୀୟ ମହିଳାମାନେ ଲୁଟ୍‌ପାଟ କରିଥିଲେ । ମୋବାଇଲ ଲୁଟ୍ ଅଭିଯୋଗକୁ ଭିତ୍ତିକରି କ୍ୟାପିଟାଲ ଥାନା ପୋଲିସ ଦୁଇଜଣ ବଙ୍ଗୀୟ ମହିଳାଙ୍କୁ ଗିରଫ କରି ତାଙ୍କ ନିକଟରୁ ୫ଟି ଲୁଟ୍ ମୋବାଇଲ ଜବତ କରିଛି । କ୍ୟାପିଟାଲ ଥାନାରେ ମୋବାଇଲ ଲୁଟ୍‌କୁ ନେଇ ତିନୋଟି ମାମଲା ରୁଜୁ ହୋଇଛି । ସେହି ମାମଲାରେ ଗିରଫ ହୋଇଥିବା ଦୁଇ ବଙ୍ଗୀୟ ମହିଳା ହେଲେ ଦ୍ରୌପଦୀ ସିଂ (୧୯) ଓ ପୂଜା ସିଂ (୨୦) । ଏହି ଗିରଫ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ କ୍ୟାପିଟାଲ ଥାନାରେ ଦୁଇଟି ମାମଲା ରହିଛି । ବଙ୍ଗୀୟ ମହିଳାମାନେ ଭୁବନେଶ୍ୱର ଗହଳି ସ୍ଥାନମାନଙ୍କରୁ ମୋବାଇଲ ଲୁଟ୍ କରିବା ସହ ଟାଉନ ବସ୍‌ଗୁଡିକରେ ଗହଳି ସୃଷ୍ଟି କରି ଲୁଟ୍‌ପାଟ କରନ୍ତି । ବଙ୍ଗୀୟ ମହିଳାଙ୍କ ବିରୋଧରେ ପୂର୍ବରୁ ବହୁ ଲୁଟ୍‌ପାଟ ମାମଲା ଭୁବନେଶ୍ୱର ପୋଲିସରେ ରହିଛି । ଅନେକ ମହିଳା ମଧ୍ୟ ଗିରଫ ହୋଇଛନ୍ତି । ମୋବାଇଲ ଲୁଟ୍ ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଥିବା ଦ୍ରୌପଦୀ ଓ ପୂଜାଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଦେଶାତ୍ମବୋଧକ ଭିଡିଓ ଭାରି ସ୍ୱାଭିମାନୀ ଓଡ଼ିଆ ଜାତି ହେଲା ରିଲିଜ୍

କଟକ,(ସବ୍ୟୁ): ଓଡିଆ ନବବର୍ଷ ତଥା ଉତ୍କଳ ଦିବସ ଉପଲକ୍ଷେ ଏସଏସ ଆନିମେସନ ଷ୍ଟୁଡିଓର ଦେଶାତ୍ମବୋଧକ 'ଭାରି ସ୍ୱାଭିମାନୀ ଓଡ଼ିଆ ଜାତି ' ର ଭିଡିଓ ଆଜି ରିଲିଜ୍ ହୋଇଛି । ଓଡିଆ ଜାତିର ଗାଥା, ସଂସ୍କୃତି ଓ ଐତିହ୍ୟ କୁ ନେଇ ଏହି ଦେଶାତ୍ମବୋଧକ ସଙ୍ଗୀତର ରଚନା ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ କରିଥିବାବେଳେ ଓଡିଆ ଜାତିର ଗୌରବମୟ ଗାଥା ସାଙ୍ଗକୁ ଗ୍ରାମ୍ୟ ଜୀବନର ପଖାଳ କଂସା , ଦୋଳ ମେଳଣ ଓ ପାଇକ ଆଖଡ଼ାର ବାସ୍ତବ ଚିତ୍ରକୁ ବେଶ୍ ନିଖୁଣ ଭାବରେ ସଙ୍ଗୀତରେ ସଜେଇଛନ୍ତି ନିଜେ ଗୀତିକାର । ବିଶେଶ କରି ଓଡ଼ିଆ ଜାତି ଜଗନ୍ନାଥଙ୍କ ବ୍ୟତୀତ ତାର ମଥା କାହପାଖରେ ନୁଆଇଁ ନ ଥିବା ସଙ୍ଗୀତ ମନ ଭିତରେ ଏକ ଶୀହରଣ ସୃଷ୍ଟି କରୁଛି । ଏହି ସଙ୍ଗୀତରେ କଣ୍ଠ ଦାନ କରିଥିବା ସୁନାମଧନ୍ୟ କଣ୍ଠଶିଳ୍ପୀ ଅଭିରାମ ଖୁଣ୍ଟିଆ, ସତ୍ୟଜିତ ପ୍ରଧାନ, ଡ଼ଃ. ପ୍ରଭୁଚରଣ ମହାନ୍ତି, ଡ଼ଃ. ଅନୁରାଧା ପାଣିଗ୍ରାହୀ ଓ ସ୍ନିଗ୍ଧା ମହାନ୍ତିଙ୍କ ସୁମଧୁର କଣ୍ଠ ସମସ୍ତଙ୍କ ମନକୁ ବେଶ୍ ଛୁଇଁଛି । ଏହାର ସ୍ୱର ସଂଯୋଜନା ନବାଗତ ସୁଶୀଲ କରିଥିବା ବେଳେ ସାଉଣ୍ଡ ଇଞ୍ଜିନିୟର ବୁବୁଙ୍କ ରେକର୍ଡିଂ ଓ ଏଡିଟିଙ୍ଗ ନିଖୁଣ ହୋଇଥିବା ଏହାକୁ ଉଦ୍ଘାଟନ ଅବସରରେ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ରାଜ୍ୟ ସଂଗଠକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର କହିଛନ୍ତି । ଏଥିରେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ନାୟକ, ଶ୍ରୀଜଗନ୍ନାଥ ସେନା ପ୍ରଚାରକ ଶୁଭେନ୍ଦୁ ସ୍ୱାଇଁ, ଚାରଣ ଗୋଷ୍ଠୀ ର ଲିଙ୍ଗରାଜ ପତି ପ୍ରମୁଖ ଉପସ୍ଥିତ ରହି ଏହି ୟୁଟ୍ୟୁବ ଦେଶାତ୍ମକ ସଙ୍ଗୀତ ଦର୍ଶକ ଓ ଶ୍ରୋତା ମାନଙ୍କ ମଧ୍ୟରେ ବେଶ୍ ଆଦୃତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ।



### କିଟ୍ ଉପରେ ଗବେଷଣା ନିମନ୍ତେ

## ସୋଆ ଓ ଆଇବିପିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): କୀଟରୁ ପ୍ରସ୍ତୁତ ହେଉଥିବା ଉଦ୍ୟୋଗିକ ଉତ୍ପାଦ ଉପରେ ମିଳିତ ଗବେଷଣା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ବିଶ୍ୱବିଦ୍ୟାଳୟ ଓ ଇନ୍‌ସେକ୍ଟିକା ବାୟୋଟେକ୍ ପ୍ରାଇଭେଟ ଲିମିଟେଡ୍ (ଆଇବିପିଏଲ୍) ମଧ୍ୟରେ ଏଠାରେ ଶନିବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଆଇବିପିଏଲ୍ କୀଟ ପତଙ୍ଗମାନଙ୍କ ଉପରେ ଗବେଷଣା କରି ବିଶ୍ୱ ତାପମାନ ବୃଦ୍ଧି ତଥା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଆବର୍ଜନାକୁ ପୁନର୍ବ୍ୟବହାର କରି ପରିବେଶ ସୁରକ୍ଷା ନିମନ୍ତେ ଉଦ୍ୟମ ଜାରି ରଖିଛି। ଏହି ବୁଝାମଣା ପତ୍ର ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଆଇବିପିଏଲ୍‌ର ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଆଇବିପିଏଲ୍‌ର ବୈଜ୍ଞାନିକ ମାନେ ବ୍ଲାକ ସୋଲ୍‌ଜର ଫ୍ଲାଇ ବା କଳା ସେନାପତି ମାଛି ଉପରେ ଗବେଷଣା ଜାରି ରଖିଛନ୍ତି ଯେପରି ଏହାର ପ୍ରତିପାଳନ ଓ ଚାଷ ଦ୍ୱାରା କୀଟରୁ ପୁଷ୍ଟିସାର ଓ ତୈଳ ଉତ୍ପାଦନ ହୋଇପାରିବ। ଏହି ବୁଝାମଣା ପତ୍ର ଅନୁଯାୟୀ ସୋଆ ଓ ଆଇବିପିଏଲ୍‌ର ଏହି କ୍ଷେତ୍ରରେ ଗବେଷଣା ଜାରି ରଖିବା ସହ ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଦେଶର ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ସହ ସମ୍ପର୍କ ସ୍ଥାପନ କରି କାର୍ଯ୍ୟ କରିବେ । ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ସୋଆ ପରିଚାଳିତ ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଏଚ୍.ଏନ. ଥାଟୋଇ, ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ।



### ଆସନ୍ତା ୯ ତାରିଖରେ ମୋ କଟକ

## ସୁରକ୍ଷା ମଞ୍ଚର ବନ୍ଧୁମିଳନ

କଟକ, (ସ୍ୱପ୍ର): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭାଇଚାରାର ସହର କଟକ ସହର ସମସ୍ୟାର ସମାଧାନ ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ସଦାସର୍ବଦା କାର୍ଯ୍ୟ କରୁଥିବା ସାମାଜିକ ସଙ୍ଗଠନ ମୋ କଟକ ସୁରକ୍ଷା ମଞ୍ଚର ବନ୍ଧୁମିଳନ-୨୦୨୫ ଆସନ୍ତା ଏପ୍ରିଲ ୯ ତାରିଖ ବୁଧବାର ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପ ପରିସରରେ ଅନୁଷ୍ଠିତ ହେବ ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଏହି ବନ୍ଧୁମିଳନରେ କଟକ ସହରର ପୂଜାକମିଟି, ସାହି ମୂରବୀ, ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ରାଜନୈତିକ ଦଳର ବ୍ୟକ୍ତି ବିଶେଷ, ମାନବାଧିକାର, ସୂଚନା ଅଧିକାର କର୍ମୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେବେ। ଏଥିରେ ନବନିର୍ବାଚିତ କଟକ ମହାନଗର ଶାନ୍ତିକମିଟିର କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ମଞ୍ଚର ସଭାପତି ଅକ୍ଷୟ ପଣ୍ଡା ପ୍ରକାଶ କରିଛନ୍ତି ।

## କପିଳାସ ରୋଡ ରେଳ ଓଭରବ୍ରିଜ୍ ନିର୍ମାଣର ସମୀକ୍ଷା କଲେ ବୈଜୟନ୍ତ

ଭୁବନେଶ୍ୱର, (ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ସୋମବାର ଟାଙ୍ଗୀ ଠାରେ ୧୭୪ନଂ କପିଳାସ ରୋଡ ରେଳ ଓଭରବ୍ରିଜ୍ ନିର୍ମାଣ ସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପରେ ଖୁବ ଶୀଘ୍ର ଏହା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ବୋଲି କହିଛନ୍ତି । ଶ୍ରୀ ପଣ୍ଡାଙ୍କ ଗତ ୨୦୧୦ ମସିହାରୁ ନିରନ୍ତର ଉଦ୍ୟମ ଯୋଗୁ କଟକ ଜିଲ୍ଲାର ଟାଙ୍ଗୀ ଠାରେ କପିଳାସ ରୋଡ ରେଳ ଫାଟକରେ ଏକ ରେଳ ଓଭରବ୍ରିଜ ପାଇଁ ଜନସାଧାରଣଙ୍କର ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି । ଏହି ପ୍ରସ୍ତାବକୁ ଇଷ୍ଟକୋଷ୍ଟ ରେଳବାଇ ବୋର୍ଡ ଅନୁମୋଦନ କରିସାରିଥିବା ବେଳେ ଉଭୟ ରାଜ୍ୟ ସରକାର ଓ ରେଳ ବିଭାଗଙ୍କ ବ୍ୟୟ ଅଟକଳରେ ଏହି ରେଳ ଓଭରବ୍ରିଜ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶିଘ୍ର ଆରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ଅଗ୍ରଗତି ପାଇଁ ଶ୍ରୀ ପଣ୍ଡା କ୍ରମାଗତ ଚେଷ୍ଟା କରିବାସହ ବିଭିନ୍ନ ସମୟରେ ରେଳମନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପର ଅଗ୍ରଗତି ପାଇଁ ଦାବି କରିବା ସହ ୨୦୧୦ ମସିହା ଠାରୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ଓ ରେଳବାଇ ବିଭାଗ ଦ୍ୱାରା ପ୍ରକଳ୍ପର ନିରିକ୍ଷଣ ଓ ବାରମ୍ବାର ସମିକ୍ଷା ପରେ ଉଭୟ ରାଜ୍ୟ ସରକାର ଓ ରେଳବାଇ ବିଭାଗର ପ୍ରାୟ ୯୦ କୋଟି ଟଙ୍କାର ଯୁଗ୍ମ ବ୍ୟୟବରାଦକୁ କେନ୍ଦ୍ର ରେଳ ବିଭାଗ ଅନୁମୋଦନ କରିଥିଲେ ।

ସ୍ଥାନୀୟ ଜନସାଧାରଣଙ୍କର ବହୁଦିନର ଦାବିକୁ ଅନୁଧ୍ୟାନ ଓ ସମ୍ମାନ ଜଣାଇ ସ୍ଥାନୀୟ ସାଂସଦ ବୈଜୟନ୍ତ ପଣ୍ଡା ଗତ ୨୦୧୦ ମସିହା ଠାରୁ କ୍ରମାଗତ ଭାବେ କେନ୍ଦ୍ର ରେଳ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା ଓ ସମିକ୍ଷା କରି ଏହି ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ । ଶେଷରେ କେନ୍ଦ୍ର ସରକାର ଜନସାଧାରଣଙ୍କ ଦାବି ଓ ସାଂସଦ ଶ୍ରୀ ପଣ୍ଡାଙ୍କ ପ୍ରଚେଷ୍ଟାକୁ ବିଚାରକୁ ନେଇ ଟାଙ୍ଗୀ ୧୭୪ ନଂ ରେଳ ଫାଟକ ଠାରେ ରେଳ ଓଭରବ୍ରିଜ କରିବା ପାଇଁ ପଥ ପରିଷ୍କାର କରି ରେଳ ବିଭାଗର ପ୍ରସ୍ତାବିତ କାର୍ଯ୍ୟ ଚିଠାର ୧୯୭ ନମ୍ବର ରେ ଏହି ପ୍ରକଳ୍ପଟିକୁ ତାଲିକାଭୁକ୍ତ କରିଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ଶ୍ରୀ ପଣ୍ଡାଙ୍କ ସମେତ ଇଷ୍ଟକୋଷ୍ଟ ରେଳବାଇର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁଧିର କୁମାର ପରିଡ଼ା, ଜାତୀୟ ରାଜପଥ- ୧୬ର ବରିଷ୍ଠ ଅଧିକାରୀ ଭାବଗ୍ରାହୀ ଦାସ, ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ସୁରଜ ସିଂହ, ଗୃହ ଓ ରାସ୍ତା ବିଭାଗ (ଚାରବାଟିଆ) ଅଜିତ ରାୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତିରେ ସ୍ଥାନୀୟ ଜନତା, ନେତୃବୃନ୍ଦ, ଯୁବନେତା, ସମାଜସେବୀ ଯୋଗ ଦେଇଥିଲେ ।



### ଭୁବନେଶ୍ୱର ରନୱେ ୱିକ୍ ସିଜିନ୍-୧୨

## ପୋଷାକରେ ପ୍ରଦର୍ଶିତ ହେଲା ଭାରତୀୟ କଳାକୃତି

ଭୁବନେଶ୍ୱର, (ସବ୍ୟୁ): ଆଡିକ୍ସନ ଫ୍ୟାସନ ମ୍ୟାନେଜମେଣ୍ଟ ପକ୍ଷରୁ ଭୁବନେଶ୍ୱର ରନୱେ ୱିକର ୧୨ ତମ ସଂସ୍କରଣ ସ୍ଥାନୀୟ ଏକ ତାରକା ହାଟେଲରେ ଅନୁଷ୍ଠିତ ହାଇଯାଇଛି । ନିର୍ଦ୍ଦେଶକ ଜନ ଅଜୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ସଂସ୍କରଣରେ ୧୨ ଡ଼ିଜାଇନର ନିଜର ଭଳିକି ଭଳି ଡ଼ିଜାଇନ ପ୍ରଦର୍ଶିତ କରିଥିଲେ । ଭୁବନେଶ୍ୱର ରନ୍ ୱିକରେ ଯୋଗଦେଇଥିବା ଡ଼ିଜାଇନରମାନଙ୍କ ମଧ୍ୟରେ ମୌହିତ୍ କୁମାର ସାଚଦେବ ବ୍ରାଣ୍ଡରେ ମୌହିତ୍ ସାଚଦେବ କକଟେଲ ଡ୍ରେସ ଠାରୁ ଆରମ୍ଭ କରି ବିସ୍ତୃତ ବେସ୍ପୋକ ଗାଉନ ପର୍ଯ୍ୟନ୍ତ ଷ୍ଟାଇଲ୍ ପୁଣି ସନ୍ଧ୍ୟାକାଳୀନ ପୋଷାକ ଏବଂ ଚିକ୍ ପୋଷାକ ପିନ୍ଧିଥିଲେ । ଯାହା ବେଶ ଆକର୍ଷଣୀୟ ଲାଗୁଥିଲା । ଲେବେଲ୍ ସୁରିୟଲ ବ୍ରାଣ୍ଡର ଅର୍ପିତା ସାମଲ ଛୋଟ ପିଲାଙ୍କ ପାଇଁ ହାଲକା କପଡା ଏବଂ ସୁନ୍ଦର ଗ୍ରୀଷ୍ମକାଳୀନ ବିବାହ ପୋଷାକ ପିନ୍ଧିଥିଲେ । ଏନଆଇଏଫ୍ ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ପ୍ରଦର୍ଶିତ ହୋଇଥିବା ଡିଜାଇନରେ ସଂଗ୍ରହ ଧାତୁମୟ ଚମକ, ଚମକଦାର କପଡ଼ା ଏବଂ ସଂରଚିତ ସିଲୁଏଟର ଛାପ ଦେଖିବାକୁ ମିଳିଥିଲା । ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା ସେଲେଷ୍ଟିୟାଲ୍ ଗ୍ଲିମ୍ କକଟେଲ ପୋଷାକ ଆକର୍ଷଣୀୟ ଥିଲା । ଇରାନୀ ମିତ୍ର ବ୍ରାଣ୍ଡର ଇରାନୀ ମିତ୍ରଙ୍କ ଡିଜାଇନରେ ରାଜକୀୟ ସିଲୁଏଟ୍ ସଂଗ୍ରହ, ଆଧୁନିକ ବଧୂଙ୍କ ପସାପାଲି ବେଶ ଚମକଦାର ଥିଲାଛ ଲେବେଲ ସାକ୍ଷୀ ବିନ୍ଦ୍ରା ବ୍ରାଣ୍ଡର ଲେବେଲ ସାକ୍ଷୀ ବିନ୍ଦ୍ରା ବଲିଉଡରେ ନିଜର ଛାପ ସୃଷ୍ଟି କରିଛନ୍ତି । ତାଙ୍କ ଡିଜାଇନର ଉତ୍କୃଷ୍ଟ ଗାଉନ୍, ରିସର୍ଟ ପୋଷାକ ଭାରତୀୟ ଛାପ ଦେଖିବାକୁ ମିଳିଥିଲା । ଭିକା ବ୍ରାଣ୍ଡର ଅରବିନ୍ଦ ଆମପୁଲ୍ଲା ବିବାହ ଋତୁ ପାଖେଇ ଆସୁଥିବାରୁ ତାଙ୍କ ଡିଜାଇନ ଦ୍ୱାରା ପ୍ରସ୍ତୁତ ଭାରତୀୟ କାଞ୍ଜିଭରମ୍, ପୈଠାଣୀ, ବନାରସୀ, କୋଟା, ଉପଡା, ଖଦି ଏବଂ ମସଲିନ୍ ଭଳି ପାରମ୍ପରିକ ପୋଷାକ ପ୍ରଦର୍ଶିତ କରିଥିଲେ । ସେହିପରି ୱାଓମାନିଆ ହ୍ୟାଣ୍ଡଲୁମର ଡିଜାଇନର ଏକତା ଆଗୌରି ଭାରତୀୟ ଡିଜାଇନର୍ ବ୍ରାଣ୍ଡ ଯାହା ଆଧୁନିକ ସୌନ୍ଦର୍ଯ୍ୟ ସହିତ ପରମ୍ପରାକୁ ନିରନ୍ତର ଭାବରେ ମିଶ୍ରଣ କରେଛ ଏହାର ଉତ୍କୃଷ୍ଟ ହସ୍ତତନ୍ତ ରେଶମ ଡିଜାଇନ୍ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଶେଷରେ ଦୁହିତା ମାନବଙ୍କ ଡିଜାଇନ୍ ପ୍ରଦର୍ଶିତ ହୋଇଥିଲା । ଦୁହିତା ମାନବ ଭୁବନେଶ୍ୱରରେ ପ୍ରମୁଖ ବ୍ରାଇଡାଲ କଉଚର ଷ୍ଟୋରଛ ପୁରୁଷ ଓ ମହିଳାଙ୍କ ପାଇଁ ବଛା ବଛା ବିବାହ ପୋଷାକ ଲେହେଙ୍ଗା, ଶାଢୀ, ସେରୱାନୀ, ଗାଉନ୍ ସହ ଅନ୍ୟ ପୋଷାକରେ ଡିଜାଇନରମାନେ ରାମ୍ପରେ ଚାଲିଥିଲେ । ଏଥିରେ ବହୁ ମାନ୍ୟଗଣ୍ୟ ଉପସ୍ଥିତ ଥିଲେ ।



### ଓପେସାର ରାଜ୍ୟସ୍ତରୀୟ କନ୍‌କ୍ଲେଭ

## ଡିପ୍ଲୋମା ଇଂଜିନିୟରିଂ ଶିକ୍ଷାର ପାଠ୍ୟକ୍ରମ ଏବଂ ନିଯୁକ୍ତିର ବ୍ୟାପକ ଚାହିଦା ଉପରେ କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ଓଡିଶା ପ୍ରାଇଭେଟ୍ ଇଂଜିନିୟରିଂ ସ୍କୁଲ୍ ଆସୋସିଏସନ୍ (ଓପେସା) ତରଫରୁ ରାଜ୍ୟସ୍ତରୀୟ କନ୍‌କ୍ଲେଭ : Education to Employment for Diploma Engineering Students in the contex of NEP : 2020 ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳାରେ ପ୍ରଫେସର ଟି.ବି. ସିଥାରାମ ମୁଖ୍ୟ ଅତିଥି ରୂପେ ଯୋଗଦେଇ କନ୍‌କ୍ଲେଭଟିକୁ ଉଦ୍ଘାଟନ କରିଥିଲେ। ଏହି କନ୍‌କ୍ଲେଭର ଅନ୍ୟତମ ସମ୍ମାନୀତ ଅତିଥିଭାବେ ଦକ୍ଷତା ବିକାଶ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ଭୌମିକ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ରାଉରକେଲାର କୁଳପତି ପ୍ରଫେସର ଅମୀୟ କୁମାର ରଥ, ଓପେସାର ସାଧାରଣ ସଂପାଦକ, ଇଂ ସରୋଜ କୁମାର ସାହୁ, ଏବଂ କାର୍ଯ୍ୟକାରୀ ସଭାପତି ବିଭୁତି ଭୂଷଣ ତ୍ରିପାଠୀ ଯୋଗ ଦେଇଥିଲେ।

ଦେଶର ବୈଷୟିକ ଶିକ୍ଷାର ପ୍ରଗତି ସତ୍ତ୍ୱେ ଶିକ୍ଷା, ନିଯୁକ୍ତି ଏବଂ ନିଯୁକ୍ତିଦାତା ମଧ୍ୟରେ ଯେଉଁ ପାର୍ଥକ୍ୟ ପରିଲିକ୍ଷିତ ହେଉଛି ତାର ସମସ୍ୟାର ସମାଧାନ ହେବାପାଇଁ ଆମେ ଯେଉଁ କୌଶଳଗୁଡ଼ିକର ଆବଶ୍ୟକତା ଅଛି ତାକୁ ଡ଼ିପ୍ଲୋମା ପାଠ୍ୟକ୍ରମରେ ପରିବର୍ତ୍ତନ ଏବଂ ଟ୍ରେନିଂର ଆବଶ୍ୟକତାମୁତାବକ ପରିବର୍ତ୍ତନ ଉପରେ ଏହି କନ୍‌କ୍ଲେଭର ଏକ ମୁଖ୍ୟ ପ୍ରସଙ୍ଗ ଅଟେ । ଆଗାମୀଦିନରେ ବୈଷୟିକ ଶିକ୍ଷାର ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଇ ନୂତନ ଯୋଜନା ପ୍ରସ୍ତୁତ କରିବା ନିତାନ୍ତ ଆବଶ୍ୟକ ବୋଲି ବିପିୟୁଟିର କୁଳପତି ପ୍ରଫେସର ଅମୀୟ ରଥ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଟି.ବି ସୀଥାରାମ୍ ବୈଷୟିକ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରି ଡ଼ିପ୍ଲୋମା ଛାତ୍ରଛାତ୍ରୀମାନଙ୍କର ବୃତିଗତ ଦକ୍ଷତା ବୃଦ୍ଧି କିପରି କରାଯାଇପାରିବ ତାର ମାର୍ଗ ଦର୍ଶନ କରିଥିଲେ । ଏହି କନ୍‌କ୍ଲେଭ୍‌ର ଅନ୍ୟ ଏକ ଅଧିବେଶନରେ ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣାର କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅନ୍ୟତମ ଅତିଥିଭାବେ ଶଶିଶେଖର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ, ଉଡଉରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସସ୍ମିତ ପାଣି ଯୋଗ ଦେଇଥିଲେ । ଏହି କନ୍‌କ୍ଲେଭରେ ଭାରତ ସରକାରଙ୍କ ଦ୍ୱାରା ଡ଼ିପ୍ଲୋମା ବୈଷୟିକ ଶିକ୍ଷା ବିଭାଗ ଆଗକୁ ଏହାର ସୁଚିନ୍ତିତ ପଥ ଅନୁସରଣ କରି ରାଜ୍ୟର ଡ଼ିପ୍ଲୋମା ବୈଷୟିକ ଶିକ୍ଷା ଉପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିପାରିବ ବୋଲି ମତପ୍ରକାଶ ପାଇଥିଲା । ଜାତୀୟ ଶିକ୍ଷାନୀତି - ୨୦୨୦ ଦ୍ୱାରା ଡ଼ିପ୍ଲୋମା ଇଂଜିନିୟରିଂରେ ଶିକ୍ଷାଦାନର ପରିବର୍ତ୍ତନ ଆସିବା ସହିତ ଛାତ୍ରଛାତ୍ରୀ ବୃତିଗତ ସଫଳତା ହାସଲ କରିପାରିବେ ବୋଲି ଆଲୋଚନା ହୋଇଥିଲା। ଆମ ରାଜ୍ୟର ଯୁବବର୍ଗ ଡ଼ିପ୍ଲୋମା ଶିକ୍ଷା ମାଧ୍ୟମରେ ନିଜକୁ ନିଯୁକ୍ତିକ୍ଷମ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା । ଏହି କନ୍‌କ୍ଲେଭରେ ସମସ୍ତ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଧ୍ୟାପକ, ବୈଷୟିକ ଶିକ୍ଷାର ଗବେଷକ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ କନ୍‌କ୍ଲେଭଟିକୁ ସଫଳ କରିଥିଲେ । ଓପେସାର ଉପସଭାପତି ଡ଼ଃ ଦିପକ ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଜିତେନ୍ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



# ରିୟାନ ଗଣିବେ ୧୨ ଲକ୍ଷ ଜରିମାନା



ନୂଆଦିଲ୍ଲୀ,୩୧।୩ (ଏଜେନ୍ସି): ଗୌହାଟୀରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଚେନ୍ନାଇ ସୁପର କିଙ୍ଗସ୍‌କୁ ପରାସ୍ତ କରିଥିଲା । ଏହି ମ୍ୟାଚ୍ ପରେ ଅଧିନାୟକ ରିୟାନ ପରାଗଙ୍କୁ ଏକ ବଡ଼ ଝଟକା ଲାଗିଛି । ରାଜସ୍ଥାନ ରୟାଲ୍ସ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ଏକ ରୋମାଞ୍ଚକର ବିଜୟ ହାସଲ କରିଥିଲା । କିନ୍ତୁ ଏହି ମ୍ୟାଚ୍ ପରେ, ରାଜସ୍ଥାନ ଅଧିନାୟକ ରିୟାନ ପରାଗଙ୍କୁ ୧୨ ଲକ୍ଷ ଟଙ୍କାର ଝଟକା ଲାଗିଛି । ଏକ ରିପୋର୍ଟ ଅନୁଯାୟୀ, ପରାଗଙ୍କୁ ଆଇପିଏଲରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ୧୨ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି । ଆଇପିଏଲ ୨୦୨୫ରେ ଏହା ଦ୍ୱିତୀୟ ଥର ଯେତେବେଳେ ଜଣେ ଅଧିନାୟକଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ଜରିମାନା ଦିଆଯାଇଛି । ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଜରିମାନା ଦିଆଯାଇଥିଲା । ବିସିସିଆଇ ନିକଟରେ ଆଇପିଏଲର ନିୟମ ପରିବର୍ତ୍ତନ କରିଛି । ପୂର୍ବରୁ, ସ୍ଲୋ ଓଭର ରେଟ୍ ଯୋଗୁଁ ଜଣେ ଅଧିନାୟକଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯାଉଥିଲା । କିନ୍ତୁ ଏବେ ସେପରି ନାହିଁ । ଉଲ୍ଲେଖ ଥାଉ କି ଦୁଇଦିନ ତଳେ ଧୀମା ଓଭର ବୋଲିଂ ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଥିଲା । ଅହମଦାବାଦରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚକୁ ୩୬ ରନ୍‌ରେ ହାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ସମୟରେ କମ୍ ଓଭର ବୋଲିଂ କରିଥିବାରୁ ଅଧିନାୟକ ପାଣ୍ଡ୍ୟାଙ୍କୁ ଜରିମାନା ହୋଇଥିଲା ।

# କୋଲକାତାକୁ ୮ ୱିକେଟ୍‌ରେ ହରାଇଲା ମୁମ୍ବାଇ

## ଆଇପିଏଲ୍ ମହାସମର



### ଆଜିର ମ୍ୟାଚ

ଲକ୍ଷ୍ନୌ—ପଞ୍ଜାବ
ସମୟ: ରାତି ୭.୩୦
ସ୍ଥାନ: ଲକ୍ଷ୍ନୌ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

ମୁମ୍ବାଇ,୩୧।୩ (ଏଜେନ୍ସି): ୱାଙ୍ଖେଡେ ଷ୍ଟାଡିୟମ୍‌ରେ ସୋମବାର ଖେଳା ଯାଇଥିବା ଆଇପିଏଲ୍‌ର ଦ୍ୱାଦଶତମ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ (କେକେଆର୍)କୁ ୮ ୱିକେଟ୍‌କୁ ହରାଇ ମୁମ୍ବାଇ ଇଣ୍ଡିଆନ୍ସ ଏକ ସହଜସାଧ ବିଜୟ ହାସଲ କରିଛି । କେକେଆର୍‌ର ୧୧୭ ରନ୍‌ର ଲକ୍ଷ୍ୟକୁ ମୁମ୍ବାଇ ୧୨.୫ ଓଭରରେ ଦୁଇ ୱିକେଟ୍ ହରାଇ ବିଜୟ ହାସଲ କରିନେଇଥିଲା । ମୁମ୍ବାଇ ପକ୍ଷରୁ ରିଆନ୍ ରିକଲ୍ଟନ୍ ସର୍ବାଧିକ ୬୨ ରନ୍ କରିଥିବା ବେଳେ ରୋହିତ ଶର୍ମା ୧୩ ଓ ସୂର୍ଯ୍ୟ କୁମାର ଯାଦବ ୨୭ ରନ କରିଥିଲେ । ଆଜିର ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । କେକେଆର୍ ଆରମ୍ଭରୁ ଦୁଇଟି ୱିକେଟ୍ ହରାଇ ସଙ୍କଟର ସମ୍ମୁଖୀନ ହୋଇଥିଲା । ଦଳର ସ୍କୋର ୨ ରନ୍ ଥିବା ବେଳେ ଦୁଇ ଜଣ ବ୍ୟାଟର କ୍ୱିଣ୍ଟନ ଟିକକ୍ ଓ ସୁନୀଲ ନାରିନ ପାଭିଲିୟନ୍ ଫେରିଯାଇଥିଲେ । ଏହାପରେ ବି ଦଳ ମଧ୍ୟଭଗର ବ୍ୟାଟରମାନେ ଅଧିକ ସମୟ ତିଷ୍ଠି ପାରିନଥିଲେ । ଏହାପରେ ନିୟମିତ ବ୍ୟବଧାନରେ ୱିକେଟ୍ ପଡିଚାଲିଥିଲା । ଦଳ ପକ୍ଷରୁ ଅଙ୍ଗ୍ରିଶ ରଘୁବାଂଶୀ ସର୍ବାଧିକ ୨୪ ରନ୍ ଓ ରମଣଦୀପ ସିଂ ୨୨ ରନ୍ କରିଥିଲେ । ସେହିପରି ମନୀଷ ପାଣ୍ଡେ ୧୯ ରନ୍ ଓ ରିଙ୍କୁ ସିଂ ୧୭ ରନ୍ କରିଥିଲେ । ମୁମ୍ବାଇ ପକ୍ଷରୁ ଅଶ୍ୱିନୀ କୁମାର ୪ଟି ଓ ଦୀପକ ଚହର ଦୁଇଟି ୱିକେଟ୍ ନେଇଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା, ବିଗ୍ନେଶ ପୁଥୁର, ଟ୍ରେଣ୍ଟ ବୋଲ୍ଟ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।




# ପାକିସ୍ତାନରୁ ବିଦା ହେବେ ୩୦ ଲକ୍ଷ ଆଫଗାନ ନାଗରିକ



**ନୂଆଦିଲ୍ଲୀ:** ପାକିସ୍ତାନ ଚଳିତ ବର୍ଷ ପ୍ରାୟ ୩୦ ଲକ୍ଷ ଆଫଗାନିସ୍ତାନ ନାଗରିକଙ୍କୁ ଦେଶରୁ ବାହାର କରିବାକୁ ନିଷ୍ପତ୍ତି ନେଇଛି । ପାକିସ୍ତାନର ରାଜଧାନୀ ଇସଲାମାବାଦ ଏବଂ ଆଖପାଖ ଅଞ୍ଚଳରେ ରହୁଥିବା ଆଫଗାନମାନଙ୍କ ପାଇଁ ଦେଶ ଛାଡିବାର ଶେଷ ତାରିଖ ସୋମବାର (ମାର୍ଚ୍ଚ ୩୧, ୨୦୨୫) ରେ ଶେଷ ହେଉଛି । ନ୍ୟୁଜ୍ ଏଜେନ୍ସି ଏପିର ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଅବୈଧ ଭାବରେ ରହୁଥିବା ବିଦେଶୀମାନଙ୍କୁ, ବିଶେଷକରି ଆଫଗାନ ନାଗରିକମାନଙ୍କୁ ଦେଶରୁ ବାହାର କରିବାର ନିଷ୍ପତ୍ତି ଅକ୍ଟୋବର ୨୦୨୩ରେ ନିଆଯାଇଥିଲା । ପାକିସ୍ତାନର ଏହି ଅଭିଯାନକୁ ମାନବାଧିକାର ଗୋଷ୍ଠୀ, ତାଲିବାନ ସରକାର ଏବଂ ଜାତିସଂଘ କଡ଼ା ସମାଲୋଚନା କରିଛନ୍ତି । ପାକିସ୍ତାନ ସରକାରଙ୍କ ଦଲିଲ ଅନୁଯାୟୀ, ପାକିସ୍ତାନରେ ଅବୈଧ ଭାବରେ ରହୁଥିବା ବିଦେଶୀ ନାଗରିକମାନଙ୍କୁ ଏପ୍ରିଲ ୧ ରୁ ବହିଷ୍କାର କରାଯିବାର ଥିଲା, କିନ୍ତୁ ଇଦ୍ ପର୍ବ ହେତୁ, ଏହି ଅଭିଯାନ ଏବେ ଏପ୍ରିଲ ୧୦ ରୁ ଚାଲିବ । ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ୍ ଫର୍ ମାଇଗ୍ରେସନ୍ ର ତଥ୍ୟ ଅନୁଯାୟୀ, ଗତ ୧୮ ମାସ ମଧ୍ୟରେ ପ୍ରାୟ ୮୪୫,୦୦୦ ଆଫଗାନିସ୍ତାନ ପାକିସ୍ତାନ ଛାଡିଛନ୍ତି ପାକିସ୍ତାନ କହିଛି ଯେ ଏବେ ବି ପ୍ରାୟ ୩୦ ଲକ୍ଷ ଆଫଗାନ ନାଗରିକ ବାକି ଅଛନ୍ତି । ୧୩,୪୪,୫୮୪ ଜଣଙ୍କ ମଧ୍ୟରୁ ୮,୦୭,୪୦୨ ଜଣଙ୍କ ପାଖରେ ଆଫଗାନ ନାଗରିକ କାର୍ଡ ଅଛି । ଏହା ବ୍ୟତୀତ, ୧୦ ଲକ୍ଷ ଆଫଗାନିସ୍ତାନ ନାଗରିକଙ୍କ ପାଖରେ କୌଣସି କାଗଜପତ୍ର ନାହିଁ । ପାକିସ୍ତାନ ସରକାର କହିଛନ୍ତି ଯେ ଆଫଗାନ ନାଗରିକମାନେ ଫେରିଯିବା ପରେ, ସେମାନଙ୍କୁ ଆଉ ଦେଶକୁ ଫେରିବାକୁ ଅନୁମତି ଦିଆଯିବ ନାହିଁ ।

ପାକିସ୍ତାନୀ ଅଧିକାରୀଙ୍କ ଅନୁଯାୟୀ, ସେମାନେ ଚାହାଁନ୍ତି ଯେ ଯେଉଁମାନଙ୍କ ପାଖରେ ଆଫଗାନ ନାଗରିକ କାର୍ଡ ଅଛି ସେମାନେ ମାର୍ଚ୍ଚ ୩୧ ସୁଦ୍ଧା ଇସଲାମାବାଦ ଏବଂ ରାୱଲପିଣ୍ଡି ଅଞ୍ଚଳ ଛାଡ଼ି ଆଫଗାନିସ୍ତାନ ଫେରିଯାଆନ୍ତୁ । ଏହା ବ୍ୟତୀତ ଯେଉଁମାନଙ୍କର ପଞ୍ଜୀକରଣ ଡକ୍ୟୁମେଣ୍ଟ ଅଛି ସେମାନେ ଜୁନ୍ ୩୦ ପର୍ଯ୍ୟନ୍ତ ପାକିସ୍ତାନରେ ରହିପାରିବେ । ପାକିସ୍ତାନର ଏହି ନିଷ୍ପତ୍ତି ଉପରେ ଆଫଗାନିସ୍ତାନର ତାଲିବାନ ସରକାର କହିଛନ୍ତି ଯେ ସେମାନଙ୍କ ନାଗରିକମାନଙ୍କୁ ସଠିକ୍ ଉପାୟରେ ଫେରାଇ ଦିଆଯିବା ଉଚିତ । ପାକିସ୍ତାନ ସରକାରଙ୍କ ଦଲିଲ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ପ୍ରତ୍ୟର୍ପଣ ପ୍ରକ୍ରିୟାରେ ଆଫଗାନ ସରକାରଙ୍କ ପକ୍ଷରୁ କେହି ସାମିଲ ହେବେ ନାହିଁ । ପାକିସ୍ତାନ ସରକାର ତାଲିବାନ ସରକାର, ଜାତିସଂଘ କିମ୍ବା ଅନ୍ୟ ଶରଣାର୍ଥୀ ସଂସ୍ଥାଗୁଡ଼ିକୁ ସାମିଲ ନକରି ଏହି ନିଷ୍ପତ୍ତି ନେଇଛି, ଆଫଗାନିସ୍ତାନ ଶରଣାର୍ଥୀ ମନ୍ତ୍ରଣାଳୟର ମୁଖପାତ୍ର ଅବଦୁଲ ମୁତାଲିବ ହକ୍କାନି କହିଛନ୍ତି ଆମେ ସେମାନଙ୍କୁ ଆମର ସମସ୍ୟା ବିଷୟରେ କହିଲୁ । ଆମେ ସେମାନଙ୍କୁ କହିଥିଲୁ ଯେ ଏହିପରି ଲୋକଙ୍କୁ ବାହାର କରିବା ପାକିସ୍ତାନ କିମ୍ବା ଆଫଗାନିସ୍ତାନର ସ୍ୱାର୍ଥରେ ନୁହେଁ ଏବଂ ଏହି ବହିଷ୍କାର ଆଫଗାନବାସୀଙ୍କ ମଧ୍ୟରେ ପାକିସ୍ତାନ ପ୍ରତି ଘୃଣା ବୃଦ୍ଧି କରିବ ।




**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରାଧାନାଥ ପଣ୍ଡା
କାକଟପୁର, ପୁରୀ
ଆବିର୍ଭାବ - ୧୮.୦୧.୧୯୩୮
ତିରୋଧାନ - ୨୪.୦୩.୨୦୨୩

ଚାହୁଁ ଚାହୁଁ ୨ ବର୍ଷ ବିତିଗଲା, ଏବେ ବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡି ସବୁଦିନ ପାଇଁ ଚାଲି ଯାଇଛ । ତୁମର ସ୍ନେହ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ସଦା ସର୍ବଦା ରହିଥାଉ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମା' ମଙ୍ଗଳାଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

**ଶୋକ ସନ୍ତପ୍ତ :** ଝିଅ ମିଟୁ, ଟିଟୁ, ରିତା, ସୁକାନ୍ତି, ଜ୍ୱାଇଁ ପ୍ରତାପ, ମୁନୁ, ପୁପୁ, ପୂର୍ଣ୍ଣ, ନାତି ନାତୁଣୀ ରିୟା, ରେୟନ, ଋଷି, ଟିକି, ଶୁଭ, ଜ୍ୟୋତି ସୌମ୍ୟ ।

## ୱାକଫ ସଂଶୋଧନ ବିଲକୁ ସମର୍ଥନ କଲେ ସୁଫି ନେତା

**ଆଜମେର :** ଦେଶରେ ୱାକଫ ସଂଶୋଧନ ବିଲ୍ ଉପରେ ଚାଲିଥିବା ବିବାଦ ଏବଂ ବିତର୍କ ମଧ୍ୟରେ, ଅଖିଳ ଭାରତୀୟ ସୁଫି ସଜ୍ଜାଦନାଶୀନ ପରିଷଦର ଅଧ୍ୟକ୍ଷ ସୟଦ ନସରୁଦ୍ଦିନ ଚିସ୍ତି ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଏହି ବିଲ୍ ବିରୁଦ୍ଧରେ ମୁସଲମାନମାନଙ୍କୁ ଉସୁକାଉଥିବା ଲୋକଙ୍କୁ ସେ ସମାଲୋଚନା କରିଛନ୍ତି । ଆଜମେରରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ସେ କହିଛନ୍ତି, 'ୱାକଫ (ସଂଶୋଧନ) ବିଲ୍ ଆଣୁଥିବା ଭାରତ ସରକାର ପୂର୍ବରୁ ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରିସାରିଛନ୍ତି । ଜେପିସି ସମସ୍ତ ପକ୍ଷଙ୍କୁ ବହୁତ ଧର୍ଯ୍ୟର ସହିତ ଶୁଣିଛି ଏବଂ ସରକାରଙ୍କୁ ରିପୋର୍ଟ ପଠାଇଛି । ଆମେ ଆଶା କରୁଛୁ ଯେ ଆସୁଥିବା ବିଲ୍ ଭଲ ହେବ । ସେ ଆହୁରି କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ପ୍ରଚଳିତ ୱାକଫ ଆଇନରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି ଏବଂ ଏହାକୁ ନେଇ କାହାକୁ ଭୟ କରିବାର ଆବଶ୍ୟକତା ନାହିଁ । ଆମେ କେବଳ ସରକାରୀ ବକ୍ତବ୍ୟ ଉପରେ ବିଶ୍ୱାସ କରିବା ଉଚିତ । ଭାବନାକୁ ଉତ୍ତେଜିତ କରିବାକୁ ଚେଷ୍ଟା କରାଯାଉଛି, ଯାହା ଭୁଲ ।

## ହାଫିଜ୍ ସଇଦର ସହଯୋଗୀକୁ ହତ୍ୟା

**କରାଚୀ:** ପାକିସ୍ତାନରେ ଗୋଟିଏ ପରେ ଗୋଟିଏ ଅନେକ ଆତଙ୍କବାଦୀଙ୍କୁ ନିପାତ କରାଯାଉଛି । ଏବେ କରାଚୀରେ କୁଖ୍ୟାତ ଆତଙ୍କବାଦୀ ତଥା ଲସ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସଇଦର ଆଉ ଜଣେ ଘନିଷ୍ଠ ସହଯୋଗୀଙ୍କୁ ହତ୍ୟା କରାଯାଇଛି । ଲସ୍କର ପାଇଁ ପାଣ୍ଠି ସଂଗ୍ରହ କରୁଥିବା ଅବଦୁଲ ରେହମାନ ଉପରେ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳି ଚଳାଇ ତାକୁ ହତ୍ୟା କରିଛନ୍ତି । କୁହାଯାଉଛି ଯେ ଅବଦୁଲ ରହମାନ ଆହଲ-ଏ-ସୁନ୍ନତ ୱାଲ ଜମାତର ସ୍ଥାନୀୟ ନେତା ଥିଲା । ସେ କରାଚୀରେ ଲସ୍କର ପାଇଁ ପାଣ୍ଠି ସଂଗ୍ରହ କରୁଥିଲା । ଏଜେଣ୍ଟମାନେ ସମଗ୍ର ଅଞ୍ଚଳରୁ ପାଣ୍ଠି ଆଣି ତା ପାଖରେ ଜମା କରୁଥିଲେ, ତା'ପରେ ସେ ହାଫିଜ୍ ସଇଦକୁ ପାଣ୍ଠି ପହଞ୍ଚାଉଥିଲେ । ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀଙ୍କ ଉପରେ ଏହି ଆକ୍ରମଣ ସେତେବେଳେ ହୋଇଥିଲା ଯେତେବେଳେ ସେ ତାଙ୍କ ବାପା ଏବଂ ଅନ୍ୟମାନଙ୍କ ସହିତ ଇଦ ପାଇଁ ଏକାଠି ହୋଇଥିଲା । ଆକ୍ରମଣରେ ତାଙ୍କ ବାପାଙ୍କ ସମେତ ତିନି ଜଣ ଗୁରୁତର ଆହତ ହୋଇଥିଲେ, ଯେଉଁଥିରେ ଅବଦୁଲ ରହମାନଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ପାକିସ୍ତାନ ଗତ କିଛି ବର୍ଷ ଧରି ଆତଙ୍କବାଦର ଶିକାର ହୋଇଆସୁଛି । ଗୋଟିଏ ପଟେ, ବିଏଲଏ ଏବଂ ତେହେରିକ୍-ଏ-ତାଲିବାନ ବେଲୁଚିସ୍ତାନରେ ପାକିସ୍ତାନୀ ସେନାକୁ ଟାର୍ଗେଟ କରୁଛନ୍ତି ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

DSPL-06



# ଓଡ଼ିଆ ପକ୍ଷ ପାଳନ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"୧ ଏପ୍ରିଲ୍ (ଓଡ଼ିଶା ଦିବସ) ଠାରୁ ୧୪ ଏପ୍ରିଲ୍ (ଓଡ଼ିଆ ନବବର୍ଷ) ପର୍ଯ୍ୟନ୍ତ ସମୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ପକ୍ଷ ହେଉ । ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ । ସ୍ମରଣ କରିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହିୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ୧୯୩୬ ମସିହାରେ । ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର । ଆସନ୍ତୁ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା, ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା । ଆସନ୍ତୁ ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍‌ରୁ ୧୪ ଏପ୍ରିଲ୍ ଯାଏଁ "ଓଡ଼ିଆ ପକ୍ଷ" ପାଳନ କରିବା ।"

**- ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| | |
|---|---|
| ୧ ଏପ୍ରିଲ୍ | ଓଡ଼ିଶା ଦିବସ |
| ୨ ଏପ୍ରିଲ୍ | ଖଡ଼ିଛୁଆଁ ଦିବସ |
| ୩ ଏପ୍ରିଲ୍ | ପାରମ୍ପରିକ ପୋଷାକ ପରିଧାନ ଅଭିଯାନ - 'ଆମ ପୋଷାକ ଆମ ପରିଚୟ' |
| ୪ ଏପ୍ରିଲ୍ | ଓଡ଼ିଆରେ ନାମ ଫଳକ ଅଭିଯାନ - ସଚେତନତା ପଦଯାତ୍ରା |
| ୫ ଏପ୍ରିଲ୍ | ଐତିହ୍ୟ ଗଣ ଦୌଡ |
| ୬ ଏପ୍ରିଲ୍ | ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ |
| ୭ ଏପ୍ରିଲ୍ | ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ |
| ୮ ଏପ୍ରିଲ୍ | ରକ୍ତଦାନ ଅଭିଯାନ |
| ୯ ଏପ୍ରିଲ୍ | ଆସ ବହିଟିଏ କିଣିବା |
| ୧୦ ଏପ୍ରିଲ୍ | ଲୋକକଳା ପାଇଁ ଦିନଟିଏ |
| ୧୧ ଏପ୍ରିଲ୍ | ଯୁବ ଲେଖକ ସମ୍ମିଳନୀ |
| ୧୨ ଏପ୍ରିଲ୍ | ବରପୁତ୍ରମାନଙ୍କ ଉପରେ ଆଲୋଚନା |
| ୧୩ ଏପ୍ରିଲ୍ | ପାରମ୍ପରିକ ଖାଦ୍ୟ ଦିବସ ପାଳନ- ଆମ ରୁଚି ଆମ ଖାଦ୍ୟ |
| ୧୪ ଏପ୍ରିଲ୍ | ଓଡ଼ିଆ ନବବର୍ଷ ପାଳନ |





**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର**

OIPR: 03001/13/0004/2425

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541